
RNI No. : ODIODI/2015/64435
www.pracheevoice.in

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

ଫେବୃଆରୀ ୨୦୧୭
ମୂଲ୍ୟ : ୨୫ ଟଙ୍କା







କାଳବତାର ପରିପ୍ରକାଶ

# ପ୍ରାଚୀ

ସମ୍ପାଦକ :
ଡ. [illegible]

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଏକାଦଶତମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

ସଂପାଦକ

# 'ପ୍ରାଚୀ'ର କଲମ

ପ୍ରାଚୀର ଗୋଟିଏ ଛିଦ୍ ଆମେ ମାଙ୍କଡ଼ମାନଙ୍କୁ ପାଠ ପଢ଼ାଇବା । ମୁଁ ସବୁବେଳେ ତା ଛିଦ୍ ଆଗରେ ହାର ମାନେ । ସେ ଭୁଲ କହିଲେ ବି ମୁଁ ତାକୁ ମୁଣ୍ଡପାତି ଶୁଣେ ଏବଂ ତା ବିଷୟରେ ବହୁତ ଭାବେ । କାରଣ ତା' ପ୍ରତି ବିଶ୍ୱାସ ଏବଂ ଭଲପାଇବା ଏତେ ଥାଏ ଯେ, ମୁଁ ସବୁବେଳେ ତାଭୁଲ୍‌ରୁ ଠିକ୍‌କୁ ଖୋଜି ବୁଲେ । ସେମିତି ଏହି ମାଙ୍କଡ଼ କଥା ମୁଁ ଭାବି ଭାବି ବହୁଦିନ ବିତିଗଲା । ମନକଥା ମନରେ ରହିଲା । ମନକୁ ପୁଣି ଆସିଲା, ଯଦି ମାଙ୍କଡ଼ମାନଙ୍କୁ ପଢ଼ାଇପାରିବା ନାହିଁ, ଆମେ କ'ଣ ମାଙ୍କଡ଼ ପାଇଁ କଥା କହିପାରିବା ନାହିଁ ? ତେଣୁ ପ୍ରାଚୀର କଥାରୁ 'ପ୍ରାଚୀ' ର ସୃଷ୍ଟି ହେଲା । ଏହି ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତର ମାନଙ୍କ ପାଇଁ ଏକ ଆଶର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ଏହି ପତ୍ରିକାର ପ୍ରଥମ ସୃଷ୍ଟିରେ ୧୨ଟି ଚରିତ୍ରର ହୃଦୟୋଚ୍ଛ୍ୱାସ ଦିଆଯାଇଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହୋଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହୋଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ..........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡେ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଷା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-1, February 2016, Issue No. XI
RNI No. : ODIODI/2015/64435
Postal Regd. No. : CK(C)/96/2016-2018

ପ୍ରାଚୀ ପରିବାର :
ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ
ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଜ୍ଞା
ସହ ସମ୍ପାଦକ :
ଡ. କ୍ଷିରୋଦ କୁମାର ମଣ୍ଡୀ
ପରିଚାଳନା ସମ୍ପାଦିକା :
ପ୍ରଜ୍ଞା ପରିମିତା
ଉପସ୍ଥାପନା :
ମମତା ଖଣ୍ଡାୟତରାୟ
ଡିଟିପି :
ମନୋଜ କୁମାର ଦାସ
ପ୍ରଚ୍ଛଦ :
ବିଷ୍ଣୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ
ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ
କାର୍ଯ୍ୟକାରୀ ସମ୍ପାଦିକା:
ଡକ୍ଟର ବିଦ୍ୟୁତ୍ ପ୍ରଭା ମିଶ୍ର

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

Declaration
Edited & Published by :
Dr. Bibhudatta Khandayatray
Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in


## ଏଇ ସଂଖ୍ୟାରେ...


- ସେତ ବାଇ ଚଢ଼େଇର ବସା
  ଦେବୀ ପ୍ରଧାନ ୭
- ମନ୍ଦାକିନୀ
  ଅମିନୀଲୁ ରାୟ ୧୦
- ପମି ଅପା
  ବନଲତା ସିଂହ ୧୩
- ପ୍ରତୀକ୍ଷା
  ଡ. ବିଭୁଦତ୍ତ ଖଣ୍ଡାୟତରାୟ ୨୨
- କଳଙ୍କ
  ପ୍ରାଚୀ ପ୍ରଯୁକ୍ତା ୨୫




# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ ।
- ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତା ଥାଏ ତାହା ଏଥିରେ ପ୍ରକାଶ ପାଇବ ।
- ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ । ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ ।
- ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ ।
- ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**ଏହାକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..............................................................................................

ଜିଲ୍ଲା.................................................................. ପିନ୍‌କୋର୍ଡ଼ ....................................

ମୋବାଇଲ୍ ନମ୍ବର ............................................ ଇ-ମେଲ୍ ............................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ମନିଅର୍ଡର)**

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୩୯୦୭୭୬

E-mail : pracheepatrika@rediffmail.com, Web. : www.pracheevoice.com

# ସେତ ବାଇ ଚଢେଇର ବସା

- ଦେବୀ ପ୍ରଧାନ


ସେଦିନ ସନ୍ଧ୍ୟାରେ ଆଗମନ । ନାଲି ସିନ୍ଦୁର ଟୋପା ପରି ଦୃଶ୍ୟମାନ ହେଉଥିବା ସୂର୍ଯ୍ୟଙ୍କୁ ଦେଖି ଛାତ ଉପରେ ବସିଥିବା ଶ୍ରାବଣୀର ମନକୁ ଅନେକ ପ୍ରଶ୍ନ ଆସୁଥାଏ । ହଠାତ ଦେଖିଲା; ନିଳ ଆକାଶ ତଳେ ଦଳେ ପକ୍ଷୀ ଉଡି ଉଡି ନିଜର ବସାକୁ ଫେରି ଯାଉଥିବାର । ଶ୍ରାବଣୀ ସେପରି ଦୃଶ୍ୟ ଦେଖି ଭାବିଲା ଅନେକ ପ୍ରଶ୍ନ । ମାତ୍ର ତା'ର ପ୍ରଶ୍ନର ଉତର ଦେବାକୁ ତା ପାଖରେ କେହି ନଥିଲେ । ହାଠତ ଦେଖିଲା ଗୋଟିଏ ମାଆ ଚଢେଇ ତାର ଥଂଟରେ କିଛି କାଠି କୁଟା ଆଣୁଛି । ଶ୍ରାବଣୀ ସକାଳର କଥା ମନେ ପକାଇଲା ଏବଂ ମନେ ମନେ କହିଦେଲା ଯେ ଏହି ଚଢେଇଟା ସକାଳ ଠାରୁ ନିଜ ଥଂଟରେ କିଛି କିଛି କାଠିକୁଟା ଆଣି ସେ ତାଙ୍କ ଘରେ ପାଖରେ ଥିବା ଗଛ ଡାଳରେ ରଖି ଆସୁଛି । ସକାଳୁ ସନ୍ଧ୍ୟା ହୋଇଗଲା, ମାତ୍ର ସେ ଟିକେ ହେଲେବି ଥକି ପଡିନାହିଁ । ଦିନ ସାରା ତାର କାମ କରିଚାଲିଛି । ପୁଣି ଶ୍ରାବଣୀର ମନକୁ ପ୍ରଶ୍ନ ଆସିଲା ସାମାନ୍ୟ କୁନି ପକ୍ଷୀଟେ ସକାଳ ସନ୍ଧ୍ୟା ଯାଏଁ ନିଜ କାମରେ ବ୍ୟସ୍ତ ରହି ବିଶ୍ରାମ ଭୁଲି ଯାଉଛି । ମାତ୍ର ଆଜିର ଦିନରେ ମଣିଷମାନେ ସାମାନ୍ୟ ପାଣି ଡାଲଟେ ଉଠାଇବା ଥକି ପଡି ବିଶ୍ରାମ ନେଉଛନ୍ତି । ଖାଇବା ପରେ ସେହି ଥାଳିରେ ମୁହଁ ଥୋଇ ଉଠିଯାଉଛନ୍ତି । ସେହିପରି ମଣିଷମାନଙ୍କୁ ଅଳସୁଆ କୁହାଯାଏ । ଆଉ କିଛି ଲୋକ ଅଛନ୍ତି ଯିଏକି ବିଲରେ କାମ କରି ଦିନ ରାତିକୁ ସମାନ କରିଦେଇଥାନ୍ତି । ସେହିପରି ମଣିଷମାନଙ୍କର ପରିଶ୍ରମର ଫଳ ଭଗବାନ ଦେଇଥାନ୍ତି । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଶ୍ରାବଣୀ ଏମିତି ଭାବନାରେ ହଜିଯାଇଥିଲା । ହଠାତ ଭାବନା ଦୁନିଆରୁ ଫେରିଆସି ଦେଖିଲା ଚଢେଇଟି ଗଛ ଡାଳରେ ନିଜେ ସଂଗ୍ରହ କରିଥିବା ସମସ୍ତ କାଠିକୁଟାକୁ ଏକାଠି ସଂଗ୍ରହ କରି ସାରିବା ପରେ ଏକ ସୁନ୍ଦର ବସା ତିଆରି କଲା ଏବଂ ସେହି ବସାଟିକୁ ଦେଖି ଶ୍ରାବଣୀ ଭାବିଲା କେତେ ସୁନ୍ଦର ଏହି ବସାଟି । ମୁଁ ଶୁଣିଛି ଏବଂ ଦେଖିଛି ମଧ୍ୟ ମଣିଷମାନେ ସୁନ୍ଦର ଘର ତିଆରି କରି ପାରନ୍ତି । ହେଲେ ସାମାନ୍ୟ ପକ୍ଷୀ ଏତେ ସୁନ୍ଦର ବସା ତିଆରି କରିବ ବୋଲି ମୋର ବିଶ୍ୱାସ ହିଁ ନଥିଲା । ପୁଣି ଦେଖିଲା ମାଆ ଚଢେଇଟି ତାର ଦୁଇଟି କୁନି ଛୁଆଙ୍କୁ ସାଙ୍ଗରେ ଆଣି ସେହି ବସାରେ ରଖିଲା । ଦୁଇଟି ଛୁଆ ଚଢେଇଙ୍କର ଚେଁ ଚାଁ କିଚିରି ମିଚିରି ଶବ୍ଦ ଶୁଣି ମାଆ ଚଢେଇ ସେହି ସମୟରେ କୁଆଡେ ଉଡିଯାଇ ଥଂଟରେ କିଛି ଖାଦ୍ୟ ଆଣି ସେମାନଙ୍କୁ ଖୁଆଇ ଦେଲା ଏବଂ ଅନେକ ଗେଲ ମଧ କଲା । ଶ୍ରାବଣୀ ଏପରି ଦୃଶ୍ୟ ଦେଖି ଭାବିଲା ସେହି ନିରିହ ନିଷ୍ପାପ କୁନି କୁନି ଚଢେଇ ଦୁହିଁଙ୍କୁ ଭୋକ ଲାଗିବାରୁ ମାଆ ନିକଟରେ ଅଳିକରିବାରୁ ମାଆ ଚଢେଇ ସଂଗେ ସଂଗେ କୁଆଡେ ଉଡିଯାଇ ତାର ପିଲାଙ୍କୁ ଖାଦ୍ୟ ଆଣି ଖାଇବାକୁ ଦେଲା ଏବଂ ତା ପରେ କୋଳରେ ଧରି ଗେଲ ମଧ କରାଇ ଦୁଇଜଣଙ୍କୁ କିଚିରି ମିଚିରି ସ୍ୱରରେ ସୁନ୍ଦର ମଧୁର ଗୀତ ଶୁଣାଇ ଶୁଆଇଦେଲା । ଏବେ ମାତ୍ର ସେ ଦୁଇ ଚଢେଇ ଛୁଆ ଆନନ୍ଦରେ ଶୋଇଛନ୍ତି । ମାଆ ଚଢେଇ କିନ୍ତୁ ତାର ଦୁଇ ପିଲାଙ୍କ ପାଖରେ ଜଗି ରହିଛି । କାଳେ ରାତି ଅଧରେ ତାର ଛୁଆଙ୍କୁ କେହି ନିଦରୁ ଉଠାଇ ଦେବ । ସେହି ସମୟରେ ଶ୍ରାବଣୀ ଭାବନାରେ ବୁଡି ରହିଲା - ମାଆ ଚଢେଇ ଓ ଛୁଆ ଚଢେଇର ଦୃଶ୍ୟ ଦେଖି ସେ କିଛି ସମୟ ପାଇଁ ସେମାନଙ୍କ ଦୁନିଆରେ ହଜି ଯାଇଥିଲା । ଏବଂ ଭାବିଲା - ମତେ ଏହିପରି ମାଆ ମିଳିଥାନ୍ତା କି । କିନ୍ତୁ ଯେତେବେଳେ ସେ ଭାବନା

ଦୁନିଆରୁ ବାହାରି ଆସିଲା ସେତେବେଳେ ସେ ଆକାଶକୁ ଚାହିଁ ତାରଙ୍କ ମେଳରେ ତାର ମାଆଙ୍କୁ ଖୋଜିବାକୁ ଲାଗିଲା ଏବଂ ତା ଆଖିରୁ ଧାର ଧାର ଲୁହ ଝରି ପଡୁଥିଲା । ସେ ତାର ମାଆକୁ କହିଲା ମାଆ ତୁ ମତେ କାହିଁକି ଅଧା ବାଟରେ ଛାଡିଦେଇ ଚାଲିଗଲୁ । ଆଜି ଚଢେଇ ମାନଙ୍କୁ ଦେଖି ତୋର କଥା ମନେ ପଡୁଛି । ଖାଲି ଆଜି ନୁହେଁ ପ୍ରତି ଟି ମୁହୂର୍ତ୍ତରେ ପ୍ରତିଟି ସମୟରେ ମୁଁ ଜନ୍ମ ହେଲା ଦିନୁ ତୋର ମୁହଁ ଦେଖିନାହିଁ କି ତୋର ସ୍ନେହ ମମତା ଟିକେ ପାଇନାହିଁ । କିନ୍ତୁ ଆଜି ମୁଁ ତୋରି ସ୍ନେହ ମମତାକୁ ଏହି ଚଢେଇ ମାଆ ଭିତରେ ଦେଖୁଛି । କେତେ ସୁନ୍ଦର ହୃଦୟଧାରୀ ମାଆ ସେ । ତା ଆଗରେ ସାରା ପୃଥିବୀ ସମାନ, ଛନ୍ଦ କପଟ ବୋଲି ଟେକେ ହେଇବି ନାହିଁ ତା ମନରେ । ମାନ ଅଭିମାନକୁ ସେ ଦୂରରେ ଦେଇଛି । ପୁଣି ଭାବିଲା - ମା ଚଢେଇଟି ତାର ଦୁଇ ଛୁଆକୁ ଖୁଆଇ ଦେଇ ଶୁଆଇ ଦେଲା । ହେଲେ ମୋ ଦେଖିବା ଭିତରେ ସେ ତ କିଛି ଖାଇନାହିଁ । ତେଣୁ କରି ଶ୍ରାବଣୀ ଏହା ଭାବି ଛାତ ଉପରୁ ଘର ଭିତରକୁ ଚାଲିଗଲା । ଏବଂ କିଛି ଚାଉଳ ମୁଠାଏ ଆଣି ମା ଚଢେଇର ବସାରେ ଥୋଇଦେଲା । ମା ଚଢେଇ ଆନନ୍ଦରେ ସବୁତକ ଚାଉଳ ଖାଇଦେଇ ଉଡି ଆସି ଶ୍ରାବଣୀ କାନ୍ଧରେ ବସି କିଚିରି ମିଚିରି ଶବ୍ଦ କରିଲା । ମାତ୍ର ଦୁଃଖର ବିଷୟ ମା ଚଢେଇର ଭାଷା ସେ କିଛି ବୁଝି ପାରିଲା ନାହିଁ । ତେଣୁ କରି ଶ୍ରାବଣୀ କାନ୍ଦିବାକୁ ଲାଗିଲା । ମା ଚଢେଇଟି ଶ୍ରାବଣୀର କାନ୍ଦିବା ଦେଖି ତା ଆଖିର ଲୁହକୁ ଡେଣାରେ ପୋଛି ଦେଇ ଉଡିଗଲା ତାର ଛୁଆଙ୍କ ପାଖକୁ । ଶ୍ରାବଣୀ ମା ଚଢେଇକୁ କହିଲା ଭଗବାନ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଛନ୍ତି ମାତ୍ର କାହିଁକି ଆଧୁନିକ ଯୁଗର ମନିଷମାନେ ସେହିପରି ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁନାହାନ୍ତି କାହିଁକି ? ସାମାନ୍ୟ ପିମ୍ପୁଡିର ମଧ୍ୟ ଜୀବନ ଅଛି । ସେ ବଂଚିଥିବା ଯାଏଁ ତାର କାର୍ଯ୍ୟ କରିଚାଲିଛି । ମାତ୍ର ଶାନ୍ତି ଶୃଙ୍ଖଳାର ସହିତ । ସେହିପରି ସମସ୍ତ ଜୀବଜନ୍ତୁ ସମାଜ କିନ୍ତୁ କାହିଁକି ଏ ସମାଜ ଏହିପରି ନିରିହ ପକ୍ଷୀମାନଙ୍କୁ ମାରି ନିଜର ଭୋକ ମେଂଟାଉଛନ୍ତି । ସେମାନେ ବୁଝିପାରୁନାହାନ୍ତି କାହିଁକି । ସେମାନଙ୍କର ଯେମିତି ଜୀବନ- ଆତ୍ମା- ମନ ଅଛି । ଜୀବଜନ୍ତୁଙ୍କର ସେମିତି ବି ଜୀବନ ଅଛି । ମଣିଷଙ୍କୁ ଆଘାତ ଦେଲେ ଯେମିତି କଷ୍ଟ ହୁଏ ସେମାନଙ୍କୁ ବି ସେମିତି କଷ୍ଟ ହୁଏ । ପୁଣି ଦେଖିବାକୁ ଗଲେ ଏ ସମାଜରେ ମଣିଷମାନେ ସଂପର୍କ ଏବଂ ଭଲପାଇବାକୁ ଲାଭ କ୍ଷତିରେ ଦେଖୁଛନ୍ତି । ଆଜିକାଲି ଟଙ୍କାର ମୂଲ୍ୟ ଅନେକ କିଛି । ତେଣୁ କରି ଏଦୁନିଆରେ ସ୍ନେହ ଭଲପାଇବାର କିଛି ମୂଲ୍ୟ ନାହିଁ । ମଣିଷମାନେ ଶିକ୍ଷିତ ହୋଇ ବି ଟଙ୍କା ଏବଂ ଧନସଂପତ୍ତି ଲୋଭରେ ସୁନ୍ଦର ନିରିହ ଜୀବଜନ୍ତୁଙ୍କୁ ହତ୍ୟା କରି ସେମାନଙ୍କ ଠାରୁ ମିଳୁଥିବା ମୂଲ୍ୟବାନ ଦ୍ରବ୍ୟ ଏବଂ ମାଂସକୁ ବିକ୍ରି କରୁଛନ୍ତି । ପ୍ରତିଦିନ ଟିଭି-ଖବରକାଗଜରେ ପଶୁ ପକ୍ଷୀଙ୍କ ପ୍ରତି ହେଉଥିବା ଅନ୍ୟାନ୍ୟ କୁ ରୋକିବା ପାଇଁ ଅନେକ ଉଦ୍ୟମ କରାଯାଉଛି । ମାତ୍ର ମିଣିଷମାନେ ସେଥିପ୍ରତି ଧ୍ୟାନ ଦେଉନାହାନ୍ତି । ଯେତେବେଳେ ପରିସ୍ଥିତି ଜଟିଳ ହୋଇଯିବ ସେତେବେଳେ ଏ ସମାଜ ଭାବିବ ବସିଚିନ୍ତା କରୁଥିବ କିନ୍ତୁ କିଛି ଲାଭ ହେବ ନାହିଁ ।

ଛାତ ଉପରେ ଘୁଣ୍ଡୁ ଘୁଣ୍ଡୁ ଶବ୍ଦ କରି କୁମାର ଯିଏକି ଶ୍ରାବଣୀର ସାନ ଭାଇ । ସେ ଭାରି ଦୁଷ୍ଟ । ଏମିତିକି ବିରାଡି କୁକୁର ଆସିଲେ ତା ଆଗକୁ ସେ ସେମାନଙ୍କୁ ମାରି ଥାଏ । କୁମାର ଛାତ ଉପରକୁ ଆସି ଦେଖିଲା ତାର ଭଉଣୀ ଏକା ବସି କେଉଁଠିକୁ ଚାହିଁ ରହିଛି । କୁମାର ତାର ଭଉଣୀର ମୁହଁକୁ ଚାହିଁ ଆଖି ପକାଇଲା ଚଢେଇର ବସା ଉପରକୁ । ସେ ଦଉଡି ଯାଇ ଖଣ୍ଡିଏ ବାଡି ଆଣି ଚଢେଇକୁ ଉଡାଇବା ସହ ତାର ବସାକୁ ଭାଙ୍ଗିବାକୁ ବସିଥିଲା । ହଠାତ ଶ୍ରାବଣୀର ନଜର କୁମାର ଉପରେ ପଡିଲା ସେ ସଂଗେ ସଂଗେ ବାଡିଟିକୁ କୁମାର ହାତରୁ ଛଡାଇ ନେଇ କୁମାରକୁ ମାରିଲା । କୁମାର କହିଲା ଦିଦି ତୁ କାହିଁକି ମାରିଲୁ

ମତେ କଷ୍ଟ ହେଲା କହି କାନ୍ଦିଲା । ଶ୍ରାବଣୀ କୁମାର ଆଖିରେ ଲୁହ ପୋଛି କହିଲା କୁମାର ମୁଁ ମାରିଲି ବୋଲି ତତେ ଯେମିତି କଷ୍ଟ ହେଲା ଠିକ ସେହି ପରି ସେହି ମା ଚଢେଇକୁ ତୁ ମାରିଥିଲେ ସେତେ କଷ୍ଟ ଲାଗିନଥାନ୍ତା । ତୋର ଯେମିତି ଜୀବନ ଅଛି ଜୀବଜନ୍ତୁଙ୍କର ସେମିତି ଜୀବନ ଅଛି । କିନ୍ତୁ ଆଜିର ମଣିଷ ସବୁ ବୁଝି ବି ବୁଝି ନପାରିବାର ଅଭିନୟ କରୁଛି । ତେଣୁ କରି ତୁ କହ ଏହିସବୁ ଶୁଣିବା ପରେ କଣ ନିଷତି ନେଲୁ । କୁମାର ମା ପକ୍ଷୀକୁ କ୍ଷମା ମାଗି କହିଲା ମୁଁ ଆଜିଠାରୁ ଶପଥ ନେଲି ଯେ - କାହାରିକୁ ମୋର ଜୀବନ ଥିଲା ପର୍ଯ୍ୟନ୍ତ ଆଘାତ ଦେବି ନାହିଁ । ଯିଏ ଏପରି କାର୍ଯ୍ୟ କରୁଥିବ ତାକୁ ବୁଝାଇବାକୁ ଚେଷ୍ଟା କରିବି । ସମସ୍ତଙ୍କୁ କହିବି ମଧ୍ୟ- ଏ ସମାଜର ମଣିଷମାନଙ୍କୁ ମୋର ଅନୁରୋଧ ଜଙ୍ଗଲ ସୁରକ୍ଷା ସହିତ ପଶୁ ପକ୍ଷୀଙ୍କର ସୁରକ୍ଷା ନିତ୍ୟାନ୍ତ ଆବଶ୍ୟକ । ଏମିତି ନ କଲେ ଭଗବାନ ତୁମକୁ ଦଣ୍ଡ ଦେବେ । ଏ ସମାଜ ଜାଗ୍ରତ ହୁଏ ସଚେତନ ହୁଅ । ଆମ ଦେଶର ନାମ ରଖ । ମୁଁ କୁନି ପିଲାଟେ । ମୋ ବୁଦ୍ଧି ଖଟେଇ ଆପଣଙ୍କୁ ଅନୁରୋଧ କରୁଛି ଯେ -ହିଂସା -ବାଦ -ମାନ - ଅଭିମାନ ଦୂରେଇ ଜୀବଜନ୍ତୁଙ୍କୁ ସୁରକ୍ଷା ଦିଅ । ସମାଜରେ ପଶୁପକ୍ଷୀଙ୍କ ପ୍ରତି ହେଉଥିବା ଅନ୍ୟାନ୍ୟକୁ ରୋକିବା ସହିତ ସମସ୍ତଙ୍କ ପ୍ରତି ମଧୁର ବ୍ୟବହାର ଏବଂ ସମସ୍ତଙ୍କୁ ସମାଜ ଦୃଷ୍ଟିରେ ଦେଖ । ଧନୀ- ଗରିବ - ଜାତିଧର୍ମର ଭେଦ ଭାବକୁ ଭୁଲିବାକୁ ଚେଷ୍ଟା କର । କାହା ପ୍ରତି ଅନ୍ୟାନ୍ୟ କର ନାହିଁ । ଆଖି ଆଗରେ ଅନ୍ୟ ପ୍ରତି ହେଉଥିବା ଅନ୍ୟାନ୍ୟକୁ ରୋକିବା ଆମର କର୍ତବ୍ୟ । ତେଣୁ କରି ଆମର ଜାତୀୟ ପକ୍ଷୀ ମୟୂର ଜାତୀୟ ପଶୁ ବାଘ ଏମିତି କି ଜାତୀୟ ପକ୍ଷୀ ପ୍ରତି ଅନ୍ୟାନ୍ୟ କରିବା ଅପେକ୍ଷା ଆମେ ଭାଗବାନଙ୍କ ପ୍ରତି ଅନ୍ୟାନ୍ୟ କରୁଛନ୍ତି । ଶ୍ରାବଣୀ କୁମାରକୁ କହିଲା - କୁମାର କେବଳ କଥାରେ କହିଲେ ସମ୍ଭବ ତାହା ନୁହେଁ । କାର୍ଯ୍ୟରେ କରି ଦେଖାଇବାକୁ ପଡିବ । ଆଉ ଗୋଟେ କଥା ଜାଣୁଛି ସେ ପକ୍ଷୀ ହେଲେବି ମୁଁ ଯେତେବେଳେ ମା ର କଥା ମନେ ପକାଇ କାନ୍ଦୁ ଥିଲି ସେତେବେଳେ ମୋ ଲୁହ ମୋ କଷ୍ଟ ସହି ନପାରି ମୋ ଆଖିର ଲୁହକୁ ଆସି ନିଜ ଡେଣାରେ ପୋଛି ଦେଲା । କେବଳ ମଣିଷ ମନ କଥା ବୁଝି ପାରିବ ତାହା ନୁହେଁ ସାମାନ୍ୟ ପକ୍ଷୀବି ମଣିଷର ମନ କଥା ବୁଝି ପାରୁଛି । ହେଲେ ପ୍ରକାଶ କରିଲେ ବି ଆମେ କିନ୍ତୁ ତାଙ୍କ ଭାଷା ବୁଝିପାରୁନାହାନ୍ତି । ସେ ଆମ ମା କୁମାର । ଭଗବାନ ତାକୁ ପକ୍ଷୀ ରୂପରେ ମର୍ତ୍ୟକୁ ପଠାଇଛନ୍ତି ଖାସ ଆମ ପାଇଁ । କୁମାର କୁହିଲା ଦିଦି ସେଇଟା ଠିକ ଯେ କିନ୍ତୁ ସମାଜ ଆଗରେ ସେ ତ ବାଇ ଚଢେଇର ବସା ।

*ପାଣିଭଣ୍ଡାର, ଭଦ୍ରକ*



# ମନ୍ଦାକିନୀ

-ଅମିନୀଲୁ ରାୟ

ନୂଆଁଣିଆ ଚାଳଘର । ଘର ଭିତରକୁ ପସୁ ପସୁ ମୁଣ୍ଡ ବାଜିବ । ଭିତରକୁ ଯିବାକୁ ହେଲେ ମୁଣ୍ଡ ନୁଆଇଁ ଯିବାକୁ ପଡ଼ିବ । ଘର ଭିତରଟା ସାରା ଅନ୍ଧକାରରେ ଭ ର୍ତ୍ତି । ଘର ଭିତରେ ଗୋଟିଏ ଟେବୁଲ, ୨/୩ଟି ଚୌକି ଓ ଗୋଟିଏ ବଡ଼ ର୍‍ୟାକ । ର୍‍ୟାକ୍‌ରେ ଅସଜଡ଼ା ଅବସ୍ଥାରେ ପଡ଼ିରହିଛି ଶହ ଶହ ସଂଖ୍ୟାରେ ପାଣ୍ଡୁଲିପି । ଘର କୋଣରେ ଗୋଟେ ସୁରେଇ । କାହିଁ କେତେ ଦିନୁ ହେବ ଘରେ ବିଜୁଳି ଆଲୋକର ବ୍ୟବସ୍ଥା ଏ ପର୍ଯ୍ୟନ୍ତ ହୋଇନାହିଁ । ଟେବୁଲ ଉପରେ ବହୁତ ବର୍ଷର କଳିଙ୍କିଲଗା ପୁରୁଣା ଲଣ୍ଠନଟି ଥୁଆ ହୋଇଛି । ଏ ହେଉଛି ଜଣେ ବିଶିଷ୍ଟ ଖ୍ୟାତି ସମ୍ପନ୍ନ ଔପନ୍ୟାସିକ ବିବେକ ମହାନ୍ତିଙ୍କ ଘର । ଘର କହିଲେ ୨ ବଖରା ଚାଳଘର ଓ ଗୋଟେ ଛୋଟ ଠାକୁର ଘର । ବିବେକ୍‌ବାବୁ ପିଲାଦିନୁ ବାପ ମା' ଛେଉଣ୍ଡ । ଆଇମା' ପାଖରେ ରହି ବଢ଼ିଆସିଛନ୍ତି । ଏବେ ତା'ଙ୍କୁ ବୟସ ୭୫ ଛୁଇଁବ । ଦୁର୍ବଳ ସ୍ୱାସ୍ଥ୍ୟ । ଆଖିକୁ ଆଉ ସ୍ପଷ୍ଟ ଭାବେ ଦିଶୁନି । ତଥାପି ବୟସର ଅପରାହ୍ନରେ ତାଙ୍କର ସେହି ଥରିଲା ଥରିଲା ହାତରେ, ଝରକଲମରେ, ଲେଖନୀ ମୁନରେ ଲେଖିଚାଲିଛନ୍ତି ଉପନ୍ୟାସ ପରେ ଉପନ୍ୟାସ । ବିଗତ ପ୍ରାୟ ୪୫ ବର୍ଷ ମଧ୍ୟରେ ସେ କେତେ ଉପନ୍ୟାସ ରଚନା କରିଛନ୍ତି, ତାହାର କିଛି ଠିକଣା ନାହିଁ ।

ସନ୍ଧ୍ୟା ସମୟ ଉପନୀତ ମନ୍ଦିରରୁ ଘଣ୍ଟ ଘଣ୍ଟାର ଶବ୍ଦ ଭାସି ଆସୁଥାଏ । ଘରର ଅଗଣାରେ ଚଉକିଟିଏ ପକାଇ ଥକ୍‌କା ମାରି ବସିଛନ୍ତି ବିବେକ୍ ବାବୁ । ବିଗତ ୫୦ ବର୍ଷ ତଳର ହଜିଲା ସ୍ମୃତି କାହିଁକି କେଜାଣି ଆଜି ତାଙ୍କ ମାନସ ପଟରେ ଉଙ୍କି ମାରୁଛି ବାରମ୍ବାର । ଯେତେ ଭୁଲିବାକୁ ଚାହିଁଲେ ବି ସେ, ଅତିକ୍ରାନ୍ତ ସମୟକୁ ଭୁଲିପାରୁନାହାନ୍ତି । ସତେ ଯେମିତି ତାଙ୍କ ହୃଦୟ ଭିତରେ ଥାଇ, କିଏ ତାଙ୍କୁ ମନେପକାଇ ଦେଇଛି ସେହି ଅତୀତର ଅବର୍ଣ୍ଣନୀୟ ସ୍ମୃତି ଗୁଡ଼ିକୁ । କଲେଜ୍‌ରେ ପାଠ ପଢ଼ିବା ସମୟରୁ ଉପନ୍ୟାସ ଲେଖିବା ଆରମ୍ଭ କରନ୍ତି ବିବେକ୍ ମହାନ୍ତି । ଏହା ମଧ୍ୟରେ ସେ ଅନେକ ଛୋଟ ବଡ଼ ଉପନ୍ୟାସ ରଚନା କରିଛନ୍ତି ଓ ସହପାଠୀ, ସହପାଠୀନୀ, ଅଧ୍ୟାପକ, ଅଧ୍ୟାପିକା ଓ ଜନସାଧାରଣଙ୍କ ନିକଟରେ ଶ୍ରଦ୍ଧାଭାଜନ ହୋଇପାରିଛନ୍ତି । ଉତ୍କଳ ୟୁନିଭରସିଟିରେ ଓଡ଼ିଆରେ ପି.ଜି. କରୁଥିବା ସମୟରେ ମିସ୍ ମନ୍ଦାକିନୀ ମହାନ୍ତିଙ୍କ ସହ ତାଙ୍କର ପ୍ରଥମ ପ୍ରେମ ସମ୍ପର୍କ ସ୍ଥାପନ ହୁଏ । ମନ୍ଦାକିନୀ ତାଙ୍କର ସହପାଠିନୀ, ମନ୍ଦାକିନୀଙ୍କ ଅନୁପ୍ରେରଣା, ଆନ୍ତରିକତା ଭଲପାଇବା ତାଙ୍କୁ ପ୍ରତିମୁହୂର୍ତ୍ତରେ ଉପନ୍ୟାସ ଲେଖିବାକୁ ଜାଗ୍ରତ କରାଏ । ତାଙ୍କ ପ୍ରେରଣାରେ ସେ ଅନେକ ଉପନ୍ୟାସ ରଚନା କରିଛନ୍ତି । ଉପନ୍ୟାସ ତାଙ୍କ ଜୀବନର ସବୁକିଛି ବୋଲି ସେ ଧରିନେଇଛନ୍ତି । ଉପନ୍ୟାସ ଲେଖାବିନା ସେ ବଂଚିପାରିବେନି, ଏହା ସେ ପ୍ରତି ମୁହୂର୍ତ୍ତରେ ଅନୁଭବ କରନ୍ତି । ଦିନେ ନ ଲେଖିଲେ ସେ ପାଗଳ ପ୍ରାୟ ହୋଇଯାଆନ୍ତି । ପ୍ରତିଟି ମୁହୂର୍ତ୍ତରେ ସେ ଭାବନା ରାଜ୍ୟରେ ବୁଡ଼ି ରହିଥାନ୍ତି । ବେଳେବେଳେ ମନ୍ଦାକିନୀଙ୍କ ଅନୁପସ୍ଥିତି ତାଙ୍କୁ ବଡ଼ ଅସହ୍ୟ ଲାଗେ । ସେ ମନ୍ଦାକିନୀଙ୍କୁ ତାଙ୍କ ଜୀବନରୁ ଅଧିକ ଭଲ ପାଆନ୍ତି । ମନ୍ଦାକିନୀଙ୍କ ବିନା ଉପନ୍ୟାସ

ଲେଖା ସମ୍ଭବ ନୁହେଁ ବୋଲି ଅନୁଭବ କରନ୍ତି । ଗ୍ରୀଷ୍ମଦିନ । ସମୟ ୪ଟା । ପୁରୀର ସମୁଦ୍ର ବେଳାଭୂମି ଉପରେ ବସି ସମୁଦ୍ର ଦୃଶ୍ୟରାଶିକୁ ଉପଭୋଗ କରୁଥାନ୍ତି ବିବେକ୍ ଆଉ ମନ୍ଦାକିନୀ । ଅନେକ ନୀରବତା ପରେ ମନ୍ଦାକିନୀଙ୍କ ଆଖିରୁ ଲୁହ ଝରୁଥିବାର ଦେଖି ବିବେକ କହିଲେ –

–ମନ୍ଦାକିନୀ ?

–ଉଁ ।

–କଣ ଭାବୁଛ ?

–ନାହିଁ କିଛି ନାହିଁ ।

–କିଛି କହୁନ ଯେ ? କ'ଣ ହେଇଛି ?

ବିବେକ୍ ଏତିକି ପଚାରନ୍ତି, ମନ୍ଦାକିନୀ ହଠାତ୍ ତାଙ୍କୁ କୁଣ୍ଢାଇ ପକାଇ କଇଁ କଇଁ ହୋଇ କାନ୍ଦି ଉଠିଲେ । ସେ ବିବେକଙ୍କୁ ବିବାହ କରିବାକୁ କହିଲେ । ଯେତେ ଶିଘ୍ର ସମ୍ଭବ ଆମର ବିବାହ ନହେଲେ ମୋର ଡ଼ାଡ଼ି ମୋତେ ଅନ୍ୟତ୍ର ବିବାହ କରାଇଦେବେ ବୋଲି କଥା ହୋଇସାରିଛନ୍ତି । ପୁଣି ମନ୍ଦାକିନୀ କହିଲେ – "ତୁମେ ହୁଏତ ଆଶ୍ଚର୍ଯ୍ୟ ହେବ, ଆଉ ୧୫ ଦିନ ପରେ ମୋର ନିର୍ବନ୍ଧ । ତା'ର ୭ ଦିନ ପରେ ବାହାଘର । ତେଣୁ ମୁଁ ତୁମକୁ ଛାଡ଼ି ଆଉ କାହାର ହାତ ଧରି ବାଟ ଚାଲି ପାରିବିନି । ତମେ ଯଲ୍‌ଦି ନିଷ୍ପତି ନିଅ । ମୁଁ ଆଉ କାହାର ହୋଇଯିବା ପୂର୍ବରୁ ତମେ ମୋତେ ନିଜର କରିନିଅ । ମୁଁ ପରେ ମୋ ଡ଼ାଡ଼ିଙ୍କୁ ସବୁକଥା ବୁଝାଇଦେବି । ସେ ମୋ କଥାରେ କେବେ ଅବୁଝ ହେବେନି । ଯଲ୍‌ଦି କଥା ଦିଅ ବିବେକ୍ । ଆମ ହାତରେ ସମୟ ବହୁତ କମ୍ ।" ବିବେକ୍ ଏହା ଶୁଣି ହତବାକ୍ ହୋଇଯାଇଥିଲେ । ସତେ ଯେପରି ତାଙ୍କ ପାଦତଳୁ ମାଟି ଖସି ପଡୁଥିଲା । ତା'ଙ୍କୁ ଚାରିଆଡ଼ ଖାଲି ଅନ୍ଧାର ଦିଶୁଥିଲା । ତା'ଙ୍କ ଆଖିରୁ ଲୁହଅନବରତ ବହିବାରେ ଲାଗିଥିଲା । ମନ୍ଦାକିନୀ ତାଙ୍କ ଲୁହକୁ ଦେଖି ସହି ପରିଲେନି । ଭୋ ଭୋ କରି କାନ୍ଦି ଉଠିଲେ । ବିବେକ୍ ତାଙ୍କୁ ଛାତୁକୁ ଟାଣି ନେଇ କହିଲେ-"ଠିକ୍ ଅଛି । ତମେ ତ ଯାଣିଛ, ଆମ ଘରେ ମୋର ନିଜର ବୋଲି କେହି ନାହାଁନ୍ତି । ମୁଁ ତ ସମ୍ପୂର୍ଣ୍ଣ ଏକା । ତଥାପି ମୁଁ ତୁମ ଡ଼ାଡ଼ିଙ୍କୁ ଆମ ସମ୍ପର୍କ ବିଷୟରେ ଜଣାଇବି ।" ବିବେକଙ୍କ ମୁହଁରୁ ଏ କଥା ଶୁଣିବା ପରେ ମନ୍ଦାକିନୀ ଟିକେ ଆଶ୍ୱସ୍ତ ହେଲେ ।

ଦିନେ ମନ୍ଦାକିନୀଙ୍କ ସହ ବିବେକ୍ ତାଙ୍କ ବଙ୍ଗଳାକୁ ଗଲେ । ବଙ୍ଗଳାକୁ ଦେଖି ବିବେକ୍ ଆଶ୍ଚର୍ଯ୍ୟ ହେଲେ । ମନ୍ଦାକିନୀଙ୍କ ମୁହଁରୁ ସବୁକଥା ଶୁଣି ସାରିବା ପରେ ତାଙ୍କ ଡ଼ାଡ଼ି ବିବାହ ସମ୍ପର୍କରେ ବିବେକଙ୍କୁ ରୋକଠୋକ ମନା କରିଦେଲେ । "ମୋ ଝିଅ ସହ ତୁମର ବିବାହ ସମ୍ଭବ ନୁହେଁ " ବୋଲି କହି ଧମକ୍ ଦେଲେ ।

ଏ ସବୁ ଶୁଣି ସାରିବା ପରେ ନିଃସହାୟ ଭାବେ ଘରକୁ ଫେରି ଆସିଥିଲେ ବିବେକ୍ । ଏହା ଭିତରେ ସେ କେତେବେଳେ ଘରେ ପହଁଚି ଯାଇଥିଲେ ତାଙ୍କୁ ଜଣାନଥିଲା । ଅଗଣାରେ ଥିବା ଚୌକି ଉପରେ ବସି ପଡ଼ିଲେ । ଭୋକ ଲାଗୁଥିଲା ବି ଖାଇବାକୁ ଇଛା ନଥିଲା । ସାରା ଦୁନିଆଟା ତାଙ୍କୁ ଖାଲି ଅନ୍ଧାର ଦେଖାଯାଉଥିଲା ।

ମନ୍ଦାକିନୀଙ୍କ ବିବାହ ସମ୍ପନ୍ନ ପରେ ସେ ତାଙ୍କ ସ୍ୱାମୀଙ୍କ ସହ ଦିଲ୍ଲୀ ଚାଲିଗଲେ । ହେଲେ ମନ୍ଦାକିନୀଙ୍କ ଶରୀର ବିବେକଙ୍କଠାରୁ ଅଲଗା ହୋଇଯାଇଥିଲେ ବି, ତାଙ୍କ ମନ ସର୍ବଦା ବିବେକଙ୍କ ପାଖରେ ବନ୍ଧା ପଡ଼ିଯାଇଥିଲା । ସେ ବିବେକଙ୍କୁ କେବେ ଭୂଲି ପାରୁନଥିଲେ । ସଦାବେଳେ ତାଙ୍କ ଆଖି ଆଗରେ ପୂର୍ବ ସ୍ମୃତି ଗୁଡ଼ିକ ଭାସିଉଠୁଥିଲା । ଯାହା 'ଳରେ ସେ ସଦାବେଳେ ଅନ୍ୟ ମନସ୍କ ରହୁଥିଲେ । ଦିନେ ହଠାତ୍

ମନ୍ଦାକିନୀ ଅସୁସ୍ଥ ହୋଇପଡ଼ିଲେ । ତାଙ୍କୁ ତୁରନ୍ତ ମେଡ଼ିକାଲରେ ଆଡ଼ମିସନ କରାଗଲା । ମେଡ଼ିକାଲ ବେଡ଼ରେ ରେ କିଛି ଦିନ ପଡ଼ିରହିବା ପରେ ଡ଼କ୍ଟର ମାନଙ୍କ ଅକ୍ଳାନ୍ତ ଚେଷ୍ଟା ଫେଲ୍ ମାରିଲା । ମୃତ୍ୟୁ ସହ ସଂଘର୍ଷ କରି କରି ଶେଷରେ ମନ୍ଦାକିନୀ ସବୁଦିନ ପାଇଁ ଆଖି ବୁଜିଦେଲେ ।

ଏ ଖବର ବିବେକ୍ ତାଙ୍କ ନିକଟ ସମ୍ପର୍କୀୟଙ୍କ ଠାରୁ ଶୁଣିବା ପରେ ଦୁଃଖରେ ମର୍ମାହତ ହୋଇପଡ଼ିଲେ । ତାଙ୍କ ଆଖିରେ ମନ୍ଦାକିନୀଙ୍କ ସ୍ମୃତି ଭାସିଉଠିଲା । ବହୁ ଦୂରରେ ଥିଲେ ବି ଯାହାର ସ୍ମୃତିକୁ ପାଥେୟ କରି ସେ ଏତେ ଦିନ ପର୍ଯ୍ୟନ୍ତ ବଂଚିଥିଲେ, ଆଜିଠାରୁ ସେ ବଂଚିବେ କେମିତି ? ଶୟନେ, ସପନେ, ଜାଗରଣେ ମନ୍ଦାକିନୀଙ୍କ ଅଭୁଲା ସ୍ମୃତି ତାଙ୍କ ମନକୁ ବାରମ୍ବାର ଆନ୍ଦୋଳିତ କରୁଥିଲା । ତାଙ୍କ ବିନା ଏ ଜୀବନ ଅଧୁରା, ଏ କଥା ସେ ଭଲଭାବେ ଅନୁଭବ କରୁଥିଲେ ବି ପ୍ରତିଟି ସମୟ ଉଦାସ୍ ରହୁଥିଲେ ।

ଏହା ମଧ୍ୟରେ ୪୫ ବର୍ଷ ଅତିକ୍ରାନ୍ତ ହୋଇସାରିଥିଲା । ଇତି ମଧ୍ୟରେ ତାଙ୍କର ସେହି ଅଭୁଲା ସ୍ମୃତିକୁ ନେଇ ସେ ଏକ ଉପନ୍ୟାସ ରଚନା କଲେ । ତାଙ୍କର "ମନ୍ଦାକିନୀ" ନାମରେ ଲିଖିତ ଉପନ୍ୟାସ ସେ ବର୍ଷର ଶ୍ରେଷ୍ଠ ଉପନ୍ୟାସ ଭାବେ ସାରା ରାଜ୍ୟରେ ରେକର୍ଡ଼ ସୃଷ୍ଟି କଲା । ଅଜସ୍ର ଅଭିନନ୍ଦନ ଓ ଶୁଭେଚ୍ଛାର ବାର୍ତ୍ତା ତାଙ୍କ ପାଖକୁ ଛୁଟି ଆସିଲା । ହେଲେ ସେ ନୀରବ ଓ ନିସ୍ପନ୍ଦ ଥିଲେ । ମନ୍ଦାକିନୀଙ୍କ ଅଭୁଲା ସ୍ମୃତି ଓ ତାଙ୍କର ହଜିଯାଇଥିବା ସୁନେଲି ସପ୍ନ ଓ ପ୍ରେମକୁ ସେ ଭୁଲି ପାରୁନଥିଲେ । "ମନ୍ଦାକିନୀ" ଉପନ୍ୟାସ ପାଇଁ ବିବେକଙ୍କୁ ରାଜ୍ୟ ସ୍ତରରେ ଶ୍ରେଷ୍ଠ ପୁରସ୍କାର ପ୍ରାପ୍ତ ହେଲା । ବିବେକ୍ ରାଜ୍ୟ ସରକାରଙ୍କଠାରୁ ପୁରସ୍କାର ଗ୍ରହଣ କରୁଥିବା ସମୟରେ ସେ ସାମ୍ବାଦିକ ମାନଙ୍କ ଗହଣରେ ସଂକ୍ଷେପରେ କହିଥିଲେ " ଏ ପୁରସ୍କାର ମୋର ନୁହେଁ ମନ୍ଦାକିନୀର । ଯିଏ ମୋତେ ବହୁ ଦିନୁ ଏକା କରି ସବୁଦିନ ପାଇଁ ତାରାଟିଏ ହୋଇ ଦୂର ଆକାଶକୁ ଚାଲିଯାଇଛି ।" ଏତିକି କହି ସେ ଭୋ ଭୋ ହୋଇ କାନ୍ଦି ପକାଇଲେ ।

ଜଗତସିଂହପୁର



# ପମି ଅପା

– ବନଲତା ସିଂହ

ପମି ଅପା, ସମ୍ପର୍କରେ ପଡ଼ୋଶୀ ଝିଅ । ଭଉଣୀ ହିସାବ ହେବ । ବୟସ ପ୍ରାୟ ସମାନ । ମାସେ କି ଦେଢ଼ମାସ ସେ ବଡ଼, ଆଉ ମୁଁ ସାନ । ପିଲାଟି ଦିନୁ ତାଙ୍କର ମୋର ସାଙ୍ଗ । ଏକାଠି ବାଲିଘର କରି ଖେଳୁ । ପୁଣି ବୋଉ ଚୋରୀ, ରୁମାଲ ଚୋରୀ ସବୁପ୍ରକାର ଖେଳରେ ଆମେ ଆଗୁଆ । ଆମ ଦୁଇଜଣଙ୍କୁ ଯେ ଦେଖିବ ସେ ଭାଇ-ଭଉଣୀ କହିବ । ସେ ମୋ ନାଁ ଧରି ରାଜୁ ବୋଲି ଡାକନ୍ତି । ଆଉ ମୁଁ ଥରେ ପମି ବୋଲି ଡାକିଲାରୁ ମୁରବିମାନେ ଗାଳି କଲେ, କହିଲେ ଦିନକର ବଡ଼ ହେଲେ ବି ସେ ବଡ଼ । ତୁ ପମି ଅପା ଡାକିବୁ, ବାସ୍ ସେହିଦିନ ଠାରୁ ସେ ମୋର ପମି ଅପା । ପମି ଅପା ଦେଖିବାକୁ ବହୁତ ସୁନ୍ଦର । ଗୋରା ଦେହ । କୁଞ୍ଚିକୁଞ୍ଚିକିଆ ଚୁଟି, ଢଳ ଢଳ ଆଖି, ବହୁତ ଭଲ ଲାଗେ, ଶାନ୍ତଶିଷ୍ଟ, ଟିକେ ନାକ କାନ୍ଦୁରି । ଏକାଠି ପଢୁ, ସ୍କୁଲ ଯାଉ, ପୁଣି ସାଥୀ ହୋଇ ଘରକୁ ଫେରିଆସୁ । ପମି ଅପା ଅନାଦି ମଉସାଙ୍କର ଗୋଟିଏ ବୋଲି ଝିଅ । ମଉସା ମାଉସୀ ବହୁତ ସ୍ନେହ କରୁଥିଲେ । ମୋତେ ବି ଭଲ ପାଆନ୍ତି । ପମିର ସାଙ୍ଗ ହିସାବରେ ପ୍ରତ୍ୟେକ ପୁନେଇ ପରବରେ ମୋର ଖାଇବା ତାଙ୍କ ଘରେ । ପ୍ରତ୍ୟେକ କାମରେ ମଉସା ରାଜୁ ରାଜୁ ବୋଲି ପାଣି ପିଇବେନି । ଆଉ ଏହି ସ୍ନେହରେ ମୁଁ ଲକ୍ଷ୍ୟ କରିଛି ପମି ଅପା ଖୁସି ହେବାର । ଧିରେ ଧିରେ ବଡ଼ ହେଲୁ । ସ୍କୁଲ ପାଠ ସରି ସରି ଆସିଲା । ବା'ର କି ତେର ବର୍ଷ ହେଲାରୁ ପମି ଅପା କାହିଁକି ମୋତେ ଦେଖିଲେ ଲାଜ କରନ୍ତି, ଆଗ ପରି ଆଉ ମୋ ସାଥୀରେ ମିଶୁ ନାହାନ୍ତି । କିନ୍ତୁ ବହୁତ ସୁନ୍ଦର ଦିଶୁଛନ୍ତି । ତାଙ୍କର ମୁରୁକା ହସ ମୋ ଅନ୍ତରରେ ଭରିଦିଏ ଅସୀମ ଆନନ୍ଦ । ଏମିତି ଦିନ ଗୁଡ଼ିକ ଗଡି ଗଡି ଚାଲିଲା । ହାଇସ୍କୁଲ ପାଶ୍ ପରେ ସେ ଘରେ ରହିଗଲେ । ଆଉ ମୁଁ ସହରକୁ ଚାଲିଆସିଲି ପାଠ ପଢ଼ିବାକୁ । ଯେଉଁ ଦିନ ମୁଁ ସହର ଆସିଲି ସେଦିନ ଯାଇଥିଲି ଅନାଦି ମଉସା ଘରକୁ ବିଦାୟ ଆଣିବାକୁ । ମଉସା ମାଉସୀ କୁଣ୍ଢାଇ ପକାଇ କହିଲେ ରାଜୁରେ ବହୁତ ପାଠ ପଢ଼ିବୁ । ବଡ଼ ହାକିମ ହେବୁ । ମୋ ମୁଣ୍ଡ ଆଉଁସି କହିଲେ ଧନରେ ଚିଠି ଲେଖି ଭଲମନ୍ଦ କଥା ଜଣାଇବୁ । ମୁଁ ମୁଣ୍ଡ ଟୁଙ୍ଗାରି ହଁ କହିଲି । ଆଉ ପମି ଅପାଙ୍କୁ ଚାହିଁଲି । ସେ ନୀରବ । ମୁଁ କହିଲି ପମି ଅପା ମୁଁ ଯାଉଛି ତୁମେ କିଛି କହିବନି ? ସେ ଟିକେ ମୁରୁକି ହସି ମୋତେ ଟିକେ ଚାହିଁ ପୁଣି ତଳକୁ ମୁହଁ ପୋତି ଠିଆ ହେଲେ । ସେହି ଟିକେ ଚାହାଣୀ ମୋର ଅନ୍ତରଟାକୁ ଘାଣ୍ଟି ଚକଟି ପକାଇଲା । ବସ୍ ସମୟ ହୋଇଗଲା । ମୁଁ ଚାଲିଆସିଲି ସୁଦୂର କଟକ । ବାପା ବସ୍ ଷ୍ଟାଣ୍ଡ୍ ପର୍ଯ୍ୟନ୍ତ ଆସିଥିଲେ । ଆଉ ବୋଉ ମୁହଁରେ ଲୁଗା ଦେଇ ଆଖି ଛଳ ଛଳ କରି ଚାହିଁ ମୋତେ ବିଦାୟ ଦେଉଥିଲା । ଏଠାରେ ପହଞ୍ଚି କିଛିଦିନ ମନ ଭଲ ରହିଲାନି । ତା'ପରେ ପାଠପଢ଼ାରେ ମନ ଦେବାକୁ ସ୍ଥିର କଲି । ରେଭେନ୍ସା କଲେଜରେ ମୋର ଆଡ଼ମିଶନ ହୋଇଗଲା । ମୁଁ ପାଠ ପଢ଼ିଲି ଗୋଟିଏ ଭଡ଼ା ଘରେ ରହି । ମାସକୁ ଥରେ ବାପା ଆସି ଚୁଡ଼ା, ଚାଉଳ ପ୍ରଭୃତି ଆବଶ୍ୟକୀୟ ଜିନିଷ ଦେଇ ଚାଲିଯାଆନ୍ତି । ମୁଁ ପଚାରେ ଅନାଦି ମଉସା, ମାଉସୀ ଓ ଶେଷରେ ପମି ଅପା କଥା । ସେସବୁ ଭଲ ବୋଲି କହିଦିଅନ୍ତି । ମୁଁ ଧୀରେ ଧୀରେ ଭୁଲିବାକୁ ଚେଷ୍ଟା କରୁଥିଲି । ଭାବେ ସେ ତ ମୋର କିଛି ନୁହଁ । ସେ ପଡ଼ିଶା ଝିଅ । ମୁଁ କାହିଁକି ଏତେ କଥା ଭାବୁଛି ? ରାତିରେ ଶୋଇଲା ବେଳେ ସେ ଶାନ୍ତ-ଶିଷ୍ଟ ସରଳ ମୁହଁଟି ମୋ ଆଖି ଆଗରେ ନାଚି ଯାଏ । ମନଟା ବ୍ୟଥିତ ହୁଏ, କିନ୍ତୁ କାହିଁକି ସେ ପ୍ରଶ୍ନର ଉତ୍ତର ମୁଁ ନିଜେ ଜାଣିନି ।

ବେଳେ ବେଳେ ଚିଠି ଲେଖେ । ମଉସା ମାଉସୀ ମଧ୍ୟ ଚିଠିର ଉତ୍ତର ଦିଅନ୍ତି । କିନ୍ତୁ ପମି ଅପା ଦିନକ ପାଇଁ କିଛି ଲେଖନ୍ତିନି । ମାଉସୀ ବେଳେ ବେଳେ ପମି ଏଇଠି ବସିଛି ବୋଲି ଚିଠିରେ ଲେଖନ୍ତି । ଚିଠି ପଢ଼ି ମୋତେ ଲାଗେ ତାଙ୍କର ଦେହର ବାସନା ଯେମିତି ସେ ଚିଠିରେ ଲେସି ହୋଇଯାଇଛି । ହେଉ ଆସନ୍ତା ଗ୍ରୀଷ୍ମ ଛୁଟିରେ ଗାଁକୁ ଗଲେ ଜଣାପଡ଼ିବ । ତାଙ୍କର ଇଚ୍ଛା କ'ଣ ? ମନେ ପଡ଼େ, ରଜ ସମୟରେ ଗାଁକୁ ଅପେରା ଆସିଲେ ମୁରବି ମାନଙ୍କ ସାଙ୍ଗରେ ଆମେ ଦୁଇଜଣ ଯାତ୍ରା ଦେଖିବାକୁ ଯାଉ । ସବା ଆଗରେ ଆମେ ଦୁଇଜଣ ବସୁ । ଯଦି ଦୁଃଖ କିମ୍ବା ଡ଼ର ସିନ୍ ଆସେ ତେବେ ସେ ମୋତେ କୁଣ୍ଢାଇ ପକାନ୍ତି । ମୁଁ କହେ ଡରନି ପମି ଅପା ମୁଁ ପରା ଅଛି ? ଯଦି କିଛି ଲଭ୍ ସିନ୍ ଆସେ ସେ ଲାଜରେ ତଳକୁ ମୁହଁ ପୋତି ଦିଅନ୍ତି । ମୋତେ ଭଲ ଲାଗେ ତାଙ୍କର ସେ ଲାଜୁଆ ମୁହଁଟା ଆମ୍ବ ତୋଟାରେ ଆମ୍ବ ତୋଳୁ ତୋଳୁ କେଇଥର ସେ ମୋ ଉପରେ ପଡ଼ି ଯାଇଛନ୍ତି । କଣ୍ଟେଇ କୋଳି, ବରକୋଳି ମୁଁ ତୋଳି ନେଇ ତାଙ୍କୁ ଦିଏ । ସେ ଭାରି ଖୁସି ହୁଅନ୍ତି । ବେଶୀ ଖୁସି ହୁଅନ୍ତି ଭାଲୁକୁଣୀ ଓଷାରେ କଇଁ ଫୁଲ, ପଦ୍ମ ଫୁଲ ପାଣିରେ ବୁଡ଼ି ତୋଳିକରି ଆଣି ତାଙ୍କୁ ଦେଲେ । ଧୂଳି ଖେଳରେ ମୁଁ ବର ସେ କନିଆ ସାଜି, କେତେ ବାଲିରେ ଭାତ ରାନ୍ଧି ମିଛି ମିଛିକା ଖାଉ । କିନ୍ତୁ ତାଙ୍କର କ'ଣ ହୋଇଛି ? ସେ ଏତେ ନୀରବ କାହିଁକି ?

ଯେତେବେଳେ ବସନ୍ତ ଆସି ପଲ୍ଲବିତ କରନ୍ତା, ସେତେବେଳେ କେଉଁ ନିଦାଘ ଆମ ମଝିରେ ଆସି ପାଚିରି ହୋଇ ଶୁଷ୍କ କରୁଛି, ମୋ ପାଖରେ କିଛି ଉତ୍ତର ନାହିଁ । ଜାଣିବାକୁ ବହୁତ ଚେଷ୍ଟା କରିଛି । କିନ୍ତୁ ଆଶାଜନକ ଉତ୍ତର ପାଇନି । ସେ ଯାହାବି ହେଉ, ଏଇଥର ଗାଁକୁ ଗଲେ ସବୁ ପଚାରିବି । ନିଶ୍ଚୟ ପଚାରିବି । ଏମିତି ଭାବି ଭାବି କେତେ ରାତି ବିତି ଯାଇଛି । ଏବେ ବି ବିତୁଛି । ଅପେକ୍ଷାର ଦିନ ସରିଯାଇଛି । ପରୀକ୍ଷା ଶେଷ ହୋଇଛି, ଗାଁକୁ ଯିବି ।

ମନରେ ଅଫୁରନ୍ତ ଆନନ୍ଦ । ରାତି ପାହିଲା । ନିତ୍ୟକର୍ମ ସାରି ବସ୍‌ରେ ବସି ବାହାରିଲି ଗାଁକୁ । ଠିକ୍ ଦି'ପହର ସମୟରେ ପହଞ୍ଚିଗଲି । ଘରେ ବ୍ୟାଗ୍‌ଟି ରଖି ଦଉଡ଼ିଗଲି ପମି ଅପା ଘରକୁ । ଦେଖିଲି ପମିଅପା ଦୁଆରେ ପଛ କରି ବସି ମାଛ କାଟୁଛନ୍ତି । ପିଠିରୁ କିଛି ଲୁଗା ଖସି ଯାଇ ତାଙ୍କର ଆବୃତ ଅଂଶଟି ବାହାରକୁ ଦେଖାଯାଉଛି ଗୋରା ଗୋରା ପିଠି ବହୁତ ସୁନ୍ଦର ଦିଶୁଛି । ମୁଁ ଖଣ୍ଡିକାଶ ମାରି ଇସାରା ଦେଲି । ସେ ଚମକି ପଡ଼ି ଚାହିଁଦେଲେ, ଆଉ ଲାଜରେ ଲୁଗା ଟାଣିବାକୁ ଚେଷ୍ଟା କଲେ । କିନ୍ତୁ ଆଇଁସ ହାତରେ କିଛି କରିପାରିଲେନି । ମଉସା-ମାଉସୀ ଦଉଡ଼ି ଆସିଲେ, ମୁଁ ମୁଣ୍ଡିଆ ମାରିଲି । ସେ ମୋ ମୁଣ୍ଡ ଆଉଁସି କହିଲେ- ବୁଢ଼ାଟିଏ ହୋଇଥା । ପ୍ରଭୁ ତୋତେ କୋଟି ଆୟୁଷ ଦିଅନ୍ତୁ ।

ମୁଁ ଚାହିଁଲି ପମିଅପାଙ୍କୁ, ସେ କହିଲେ ଭଲ ଅଛି । ମୁଁ ହସି ହସି କହିଲି ତୁମେ ଜାଣିଥିବ ? ମାଉସୀ କହିଲେ ରାଜୁ ତୁ ଆଜି ଦି'ପହର ଖାଇବା ଆମ ଘରେ ଖାଇବୁ । ମୁଁ ହଁ କହି ଆମ ଘରକୁ ଚାଲିଆସିଲି । ରୋଷେଇ ସରିବାରୁ ମାଉସୀ ଆସି ଡାକି ନେଇଗଲେ, ମୋ ବୋଉ କିଛି କହିପାରେନି । ଏହା ତ ପିଲାଟି ଦିନରୁ ଏମିତି ଚାଲେ, ବୋଉ ଖାଇବା ବାଢିଥିବ, ମାଉସୀ ଡାକି ନେଇଯିବେ । ବୋଉ ଖାଲି ହସେ । ଖିଆପିଆ ସରିଲା । ମୁଁ ଘରେ ଆସି ଶୋଇପଡ଼ିଲି । ଉଠିଲାବେଳକୁ ସଞ୍ଜ ହୋଇଯାଇଥିଲା । ଜହ୍ନ ପଡ଼ି ଚାରିଆଡ଼େ ଛାଇ ଆଲୁଅର ଲୁଚକାଳି ଖେଳ ଖେଳୁଥାଏ । ମୁଁ ଟିକେ ସାହି ଆଡ଼େ ବୁଲିବାକୁ ଗଲି ସାଙ୍ଗସାଥୀ ମେଳରେ ଗପୁ ଗପୁ ଟିକେ ଡେରି ହୋଇଗଲା । ମୁଁ ଘରକୁ ଫେରିଲି । ଦେଖିଲି ପମି ଅପା ଦାଣ୍ଡ ବାରଣ୍ଡାରେ ବସିଛନ୍ତି । ଜହ୍ନ ଆଲୁଅରେ ତାଙ୍କ ମୁହଁଟା ବହୁତ ସୁନ୍ଦର ଦିଶୁଥିଲା । ଭାବିଲି ଏଇଟା ଠିକ୍ ମଉକା । ଆଜି ପଚାରିବି ଭାବି ତାଙ୍କ ପାଖରେ ପହଞ୍ଚିଲାରୁ ସେ ଉଠି ଚାଲିଯାଉଥିଲେ । ମୁଁ ତାଙ୍କ ହାତ ଧରି ପକାଇ ଡାକି ଦେଲି ପମିଅପା- ସେ ଠିଆ ହୋଇ ମୋ ମୁହଁକୁ ଚାହିଁଲେ । ମୁଁ କହିଲି.... କିଛି ତ କୁହ, ମୋ ରାଣ.... କିଛି ତ କୁହ.... ।

ସେ ହାତ ଛଡ଼ାଉ ଛଡ଼ାଉ କହିଲେ.... ମୋତେ

ଛୁଅଁନା ରାଜୁ । ଏ ସ୍ପର୍ଶ ବଡ଼ ଯନ୍ତ୍ରଣାଦାୟକ । ଆଖିରୁ ନିଦ ହଜାଇ ଦିଏ । ଭୋକ ଶୋଷ ସବୁ ଛାଆଁକୁ ଉଭାନ ହୋଇଯାଆନ୍ତି । ଏଣୁ ନୀରବରେ ଅକୁହାକଥାକୁ ଅନୁଭବ କରିବାକୁ ମୋତେ ସୁଯୋଗ ଦିଅ... କହି ଘର ଭିତରକୁ ଚାଲିଗଲେ । ଏକ ଦୀର୍ଘ ନିଃଶ୍ୱାସ ପକାଇ ମୁଁ ଘରକୁ ଫେରିଆସିଲି । ଘରେ ଖାଇ ପିଇ ଶୋଇକରି ଭାବୁଥିଲି... ଏ କି ପ୍ରକାର ସମ୍ଭାଷଣ ? ଏ କ'ଣ ପ୍ରେମ ? ଏ କି ପ୍ରକାର ବନ୍ଧନ ? ଏକ ରହସ୍ୟମୟ ଜାଲ ଭିତରେ ଛନ୍ଦି ହୋଇ ଛଟପଟ ହେବାକୁ ଲାଗିଲି । କ'ଣ ଉଦ୍ଦେଶ୍ୟ ପମିଅପାଙ୍କର ସେ କ'ଣ ଚାହାଁନ୍ତି ? ତାଙ୍କ ଭାବନା ରାଜ୍ୟର ମୁଁ କ'ଣ ରାଜକୁମାର ? ନାଁ ଆଉ କିଏ ? ମୁଁ କିପରି ଜାଣିବି ? ଭଲ ଲାଗିଲାନି କିଚି । ଶୋଇବାକୁ ଚେଷ୍ଟା କଲି... । ଖରାଦିନ ଛୁଟି ଦୁଇମାସ ସରି ଆସୁଛି । ପମିଅପା ଘରେ ବସି ମଉସା ମାଉସୀଙ୍କ ସାଥୀରେ ଗପସପ ହସଖୁସିରେ କଟିଯାଉଥାଏ । ସେ କେବଳ ନୀରବ ଦର୍ଶକ ହୋଇ ବସନ୍ତି । ସତେ ଅବା ପ୍ରେମର ଏକ ମୂକ ପ୍ରତିମୂର୍ତ୍ତିଟିଏ । ଗପୁ ଗପୁ ଆଖିରେ ଆଖି ମିଶିଗଲେ ସେ ଅପ୍ରତିଭ ହୋଇ ଲାଜରେ ତାଙ୍କ ମୁହଁଟା ନାଲି ପଡ଼ିଯାଏ । ବହୁତ ଭଲ ଲାଗେ ମୋତେ ।

ସରିଗଲା ଛୁଟି । ଫେରିଆସିଲି କଟକ । ପୁଣି ପାଠ ପଢ଼ା । ପଢ଼ିବାକୁ ନିଶ୍ଚୟ ପଡ଼ିବ । କାରଣ ପାଠପଢ଼ି ଚାକିରୀ କଲେ ମୁଁ ପମିଅପାର ପ୍ରସ୍ତାବ ମୋ ପାଇଁ ନିଜେ ଯାଇ ମଉସା ମାଉସୀଙ୍କୁ କହିବି । ସେ ନିଶ୍ଚୟ ରାଜି ହୋଇଯିବେ । .... ହେଲେ .... ପମିଅପା : ତାଙ୍କ ମନରେ କ'ଣ ଅଛି ? .... ମୁଁ ବି କାହିଁକି ତାଙ୍କ ପଛେ ପଡ଼ିଛି କେଜାଣି ? କଲେଜରେ କେତେ ସୁନ୍ଦରୀ ଝିଅ ମୋ ଚାରି ପାଖରେ ଘୂରି ବୁଲୁଛନ୍ତି । କାହିଁକି କେଜାଣି ମୋ ଆଖିରେ ପମିଅପା ଛଡ଼ା ଆଉ କେହି ସୁନ୍ଦର ଦେଖାଯାଉ ନାହାନ୍ତି.... ଛାଡ଼....ଦେଖାଯିବ ଆଗକୁ କ'ଣ ହେଉଛି ।

କିଛିଦିନ ପରେ ବାପା ଆସିଲେ ଜିନିଷପତ୍ର ଧରି । ସେ କହୁଥିଲେ, ପମିଅପାର ବାହାଘର ପାଖ ଗାଁର ଗୋକୁଳି ରାଉତର ପୁଅ ଅନିରୁଦ୍ଧ ସହିତ ଠିକ୍ ହୋଇଯାଇଛି । ଚମକି ପଡ଼ିଲି ମୁଁ । ଏ କ'ଣ ? ମୁଁ ଭାବୁଛି କ'ଣ ? ହେଉଛି କ'ଣ ? ମୁଁ ପଚାରିଲି... ପମିଅପା ରାଜି ଅଛନ୍ତି ? ବାପା କହିଲେ, କାହିଁକି ? କିଛି କହିଲିନି । ଅନିରୁଦ୍ଧକୁ ମୁଁ ଜାଣେ, ହାଇସ୍କୁଲରେ ମୋ ସହିତ ପଢୁଥିଲା । ଦେଖିବାକୁ ମନ୍ଦ ନୁହେଁ । ଏବେ ସେ କ'ଣ କରୁଛି ମୁଁ ଜାଣିନି । ତେବେ ପମିଅପା... ଛିଃ... ମୁଁ କାହିଁକି ଏତେ ଭାବୁଛି ? ତାଙ୍କ ସହିତ ମୋର ସମ୍ପର୍କ କ'ଣ ? ତଥାପି ଅନିରୁଦ୍ଧ ଉପରେ ମୋର କାହିଁକି ହିଂସା ଆସିଲା । ତାଙ୍କୁ ଯଦି ଦେଖନ୍ତି.... ଏମିତି ମନ ଖରାପ କରି ବସିଛି । ପୋଷ୍ଟ ପିଅନ ଖଣ୍ଡେ ଚିଠି ଦେଇଗଲା । ଚିଠିଟି ଗୋଟିଏ ଲଫାପା ଥିଲା । ଭୟ ଓ ଆଗ୍ରହରେ ଲଫାପାଟି ଖୋଲିଲି । ଦେଖିକରି ଚମକି ପଡ଼ିଲି । ପମିଅପା ମୋ ପାଖକୁ ଚିଠି ଲେଖିଛନ୍ତି । ଆଶ୍ଚର୍ଯ୍ୟ, ଯିଏ ଦେଖିଲେ ପଦେ କଥା କହନ୍ତିନି ସେ ପୁଣି ଚିଠି ଲେଖିଛନ୍ତି ? ପୁଣି ମୋ ପାଖକୁ ? କ'ଣ ବାହାଘର ନିମନ୍ତ୍ରଣ ? ମୋର ଯିବାର ନାହିଁ । ମୁଁ ଏ ସବୁ ଦେଖିପାରିବିନି । ପମିଅପା କାୟ-ମନ-ବାକ୍ୟରେ ସେ କେବଳ ମୋର ମୁଁ କେମିତି ଦେଖିବି ସେ ଆଉ କାହା ସାଥୀରେ ଯାଉଛନ୍ତି, ଅସମ୍ଭବ । ତଥାପି ଚିଠିଟିକୁ ଖୋଲି ପଢ଼ିଲି । ସେଥିରେ ଏହିପରି ଲେଖାଥିଲା.... ଅତି ଆଦରର....

କ'ଣ ସମ୍ବୋଧନ କରିବି ? ଜାଣିପାରୁନି, ଯାହାବି ଲେଖୁଛି ତାହା ହାସ୍ୟାସ୍ପଦ ଭାବରେ ଅଣଦେଖା କରିବନି । ଆଜି ମୁଁ ମୋର ଅନ୍ତରର କଥା ତୁମକୁ କହିବି । ବହୁତ ଥର ତୁମେ କ'ଣ କହିବାକୁ ଚେଷ୍ଟା କରିଛ କିନ୍ତୁ ମୋର ପ୍ରବଳ ଇଚ୍ଛା ଥିଲେ ମଧ ମୁଁ ସେ ସବୁକୁ ଆଡେଇ ଦେଇଛ କାରଣ ମୁଁ ଜାଣିଛି, ଦେଲେ ଧରା କଥା ସରେ... ଥାଏ ମଜା ଦୂରେ ଦୂରେ... ଏହି କଥାଟି ନିରାଟ ସତ୍ୟ । କାରଣ ତୁମେ ପାଠ ପଢୁଥିଲ । ମନଟା ଚଞ୍ଚଳ ହୋଇଗଲେ ତୁମେ ବହୁତ ପଛେଇ ଯିବ । ସେଇଥିପାଇଁ ମୁଁ ଅପେକ୍ଷା କରୁଥିଲି । ତୁମେ ନିଜ ଗୋଡ଼ରେ ଠିଆ ହୋଇଗଲେ ମୁଁ ମୋ ନିଜ ଆଡୁ ତୁମକୁ ପ୍ରସ୍ତାବ ଦେଇଥାଆନ୍ତି । କିନ୍ତୁ ଭଗବାନଙ୍କର ଇଚ୍ଛା ଭିନ୍ନ ପ୍ରକାରର ମୋତେ ମୋର ଲକ୍ଷ

ପାଖରେ ପହଞ୍ଚାଇବାରେ ବାଧା ପ୍ରାପ୍ତ କଲା । ମୋ ବୋଉ ମଧ୍ୟ ମୋ ଅନ୍ତର ବୁଝି ସେ ତା ଅନ୍ତର ଭିତରେ ତୁମକୁ ରଖିଥିଲା । କିନ୍ତୁ ମୋର ତନ, ମନ ସବୁକିଛି ମୁଁ ତୁମକୁ ଦେଇ ଦେଇଛି । ଏବେ ଯିଏ ମୋ ଜୀବନକୁ ଆସିବେ ସେ କେବଳ ମୋ ଶରୀରକୁ ପାଇବେ, ତୁମେ ତ ଜାଣ, ମୁଁ ବାପାଙ୍କ ବିରୁଦ୍ଧରେ ଯାଇ ପାରିବିନି । ଏଣୁ ନୀରବରେ ମୁଣ୍ଡ ପାତି ଏତେ ବଡ଼ ବିଚ୍ଛେଦକୁ ସାମନା କରିବାକୁ ଯାଉଛି । ଜାଣେନା ଆଗାମୀ ଦିନ ମୋ ପାଇଁ କି ପ୍ରକାର ଖେଳ ନେଇ ଆସିବ କିନ୍ତୁ ସତ କହୁଛି ରାଜୁ, ତୁମ ପାଖରେ ମୋ ମନ ରହିଗଲା । ମୋତେ କ୍ଷମା କରିବ । ମୁଁ ତୁମକୁ ବହୁତ ନିରାଶ କରିଛି । ସେ ଯାହା ହେଉ ତୁମେ ବାହାଘରକୁ ନିଶ୍ଚୟ ଆସିବ । ମୁଁ ଟିକେ ତୁମକୁ ଆଖି ପୁରାଇ ଦେଖିବି । ନିଜର ତ କରିପାରିଲିନି.... ତଥାପି.... ଇତି ତୁମର....

ଚିଠିଟି ପଢ଼ି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ପମିଅପା, ତୁମେ ଏପରି କାହିଁକି କଲ ? ମୁଁ କେତେଥର ଚେଷ୍ଟା କରି ବିଫଳ ହୋଇଛି, ହେଉ ଜାଣିକରି ଖୁସି ହେଲି ଯେ ତୁମେ ମୋତେ ଭଲପାଅ ବୋଲି । ତୁମର ଯେଉଁଥିରେ ଖୁସି ମୋର ସେଇଥିରେ ଖୁସି । ଏଣୁ ମୁଁ ସ୍ଥିର କଲି ପମିଅପା ବାହାଘରକୁ ନିଶ୍ଚୟ ଯିବି । ମୋ ଭିତରେ ଯେତେ ଦୁଃଖ ଥାଉ ପଛେ, ମୁଁ ପମିଅପାକୁ ନିଶ୍ଚୟ ଖୁସି କରିବି । ରାତି ବହୁତ ହେଲାଣି । ଶୋଇପଡ଼ିଲି ।

ତା'ପରଦିନ ସଅଳ ସଅଳ ବାହାରି ପଡିଲି ଗାଁ ଅଭିମୁଖେ । ବାଟରେ ବଜାରରୁ ମୋ ପେଟରୁ କାଟି ରଖିଥିବା କିଛି ଟଙ୍କା ଥିଲା, ସେଥିରେ ଗୋଟିଏ ନାଲି ଶାଢୀ କିଣିଲି । କ'ଣ ବା ଦେଇପାରିବି ମୁଁ ତାଙ୍କୁ । କିନ୍ତୁ ମୋର ବିଶ୍ୱାସ ପମିଅପାଙ୍କୁ ଶାଢୀଟି ଭାରି ସୁନ୍ଦର ଦିଶିବ । ଗାଁରେ ପହଞ୍ଚିଲି ଠିକ୍ ଆଠଟାରେ । ଗାଁଟି ଗହଳ ଚହଳ ହୋଇପଡିଛି ବାହାଘର ପାଇଁ । ମୁଁ ଗୋଟିଏ ଆଢୁଆଳ ଜାଗାରେ ଠିଆ ହୋଇଚାହିଁଲି । ସାଜସଜା ଭିତରେ ପମିଅପା ସଜ ହୋଇ ବସିଥାଆନ୍ତି । ଇସ୍ କି ସୁନ୍ଦର ଦିଶୁଛନ୍ତି । ମନରେ ଭାବିଲି ଅନିରୁଦ୍ଧ ତୁ କେତେ ଭାଗ୍ୟବାନ୍ । ଛାଡ.... ଯାହା ଭାଗ୍ୟରେ ଥିଲା । ଘରକୁ ଚାଲିଆସିଲି । ବୋଉ ମୋ ମୁହଁକୁ ଚାହିଁଲା । ମୁଁ କୃତ୍ରିମ ହସ ହସି ବୋଉକୁ ମୁଣ୍ଡିଆ ମାରିଲି । ସେ ହଉ କହି ଚାଲିଗଲା । ବର ଆସିଲା ଧୁମ୍‌ଧାମରେ ବାହାଘର ସରିଲା । ଝିଅ ବିଦାୟ ସମୟ ଆସିଲା । ବୋଉ କହିଲା... ରାଜୁରେ.... ପମିଅପା ଶାଶୁ ଘରକୁ ଯାଉଛି, ଯା' ଦେଖାକରି ଚାଲିଆ । ଇଚ୍ଛା ନ ଥିଲେ ବି ମୋର ଦୁର୍ବଳ ପାଦ ପକାଇ ଦେଖିବାକୁ ଗଲି । ଅନିରୁଦ୍ଧକୁ ଦେଖି ରାଗରେ ମୋ ଦେହ ଥରି ଉଠୁଥାଏ । ଯେମିତି ସିଂହର ଖାଦ୍ୟକୁ ଶୃଗାଳ ନେଇଯାଉଛି । ପୁଣି ଭାବିଲି ତା'ର ଦୋଷ କ'ଣ ? ପମିଅପା ମୋତେ ଦେଖିଛନ୍ତି କି ନାହିଁ । ମୁଁ ଜାଣିନି । କିନ୍ତୁ ମୁଁ ଲୁଚି କରି ଘରକୁ ଚାଲିଆସିଲି ।

କାନ୍ଦ ଗୋଳ ଭିତରେ ପମିଅପା ବିଦାୟ ହୋଇ ଶାଶୁ ଘରକୁ ଚାଲିଗଲେ । ଆଉ ମୁଁ କଟକ ଚାଲିଆସିଲି । ମୋର ଆଉ କେହି ନାହାନ୍ତି । ଯାହା କଥା ମୁଁ ଭାବିବି ଆଉ ଚିନ୍ତା କରିବି । କିଛିଦିନ ବହୁତ ଖରାପ ଲାଗିଲା । ତା'ପରେ ନିଜକୁ ଭୁଲାଇବାକୁ ବାଧ୍ୟ ହେଲି । ହଠାତ୍ ଦିନେ ବାପା ଆସି ପହଞ୍ଚିଗଲେ । ମୁଁ ପଚାରିଲି 'ବାପା' ହଠାତ୍ କ'ଣ ଚାଲି ଆସିଲ ? କ'ଣ କଥା କ'ଣ ? ବାପା କହିଲେ- ତୁ କିଛି ଶୁଣିନୁ ? ମୁଁ କହିଲି କେଉଁ କଥା ? ବାପା କହିଲେ ଆରେ ତୋ ପମିଅପା କଥା । ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି ପମିଅପାର ପୁଣି କ'ଣ ହେଲା ? ବାପା କହିଲେ- ଚତୁର୍ଥୀ ଦିନ ଅନିରୁଦ୍ଧ ଇଲେକ୍ଟ୍ରି ଲାଇଟ୍ ସଜାଡ଼ିଲା ବେଳେ କରେଣ୍ଟ ଲାଗି ମୃତ୍ୟୁବରଣ କଲା । ଅନାଦି ମଉସା ପମିକୁ ନେଇ ଘରକୁ ପଳାଇ ଆସିଲେ । ସେହିଦିନ ଠାରୁ ମଉସା ବିଛଣା ଧରିଛନ୍ତି । ଆଉ ଆଖି ଖୋଲୁନାହାନ୍ତି । ଯେମିତି ଲାଗୁଛି ସେ ଆଜିକାଲି ଭିତରେ ଚାଲିଯିବେ ।

ଏକଥା ଶୁଣି ମୋର ମୁଣ୍ଡରେ ବଜ୍ରପାତ ହେଲା ପରି ଲାଗିଲା । ମୁଁ ବହୁତ ଭାଙ୍ଗି ପଡ଼ିଲି । ବାପାଙ୍କ ସାଥୀରେ ମଉସାଙ୍କୁ ଦେଖିବାକୁ ଗାଁକୁ ଗଲି । ଗାଁରେ ମାଉସୀ ମୋତେ ଦେଖି କୁଣ୍ଢାଇ ଧରି କାନ୍ଦିଲେ । କହିଲେ, ରାଜୁରେ ମୋ ସଂସାର ଭାଙ୍ଗିଗଲା । ମୁଁ ତାଙ୍କୁ ବୁଝାଇ ବୁଝାଇ ଆଖି

ପଡ଼ିଗଲା ମଉସାଙ୍କ ଉପରେ । ସେ ମୋତେ କ'ଣ କହିବାକୁ ଚାହୁଁଥିଲେ । ମୁଁ ତାଙ୍କ ପାଖକୁ ଗଲି । ସେ ମୋତେ ଠାରି କରି କହିଲେ, ପମି ତୋତେ ଲାଗିଲା । ଏତିକି କହି ସେ ଚିରଦିନ ପାଇଁ ନୀରବ ହୋଇଗଲେ । କାନ୍ଦକଟାରେ ଘର ଫାଟି ପଡ଼ିଲା । ଗାଁଟା ସାରା କାନ୍ଦି କାନ୍ଦି ଲୋଟି ଯାଉଥାଆନ୍ତି । ମୁଁ ବା କାହାକୁ କେତେ ବୁଝାଇବି ? ତେବେ ଯାହାହେଉ ଦୁଃଖ କାନ୍ଦ ଭିତରେ ଶୁଦ୍ଧିଘର କାମ ସରିଲା । ମୁଁ ପୁଣି କଟକ ଫେରିଆସିବି ବୋଲି ଭାବି ପମିଅପା ଘରକୁ ଗଲି ଦେଖାକରି ଆସିବାକୁ । ମାଉସୀ କହିଲେ- ରାଜୁ....ରେ ମୋର ଆଉ କିଏ ଅଛି ? ତୁ ପମି କଥା ଟିକେ ଭାବିବୁ । ମୁଁ କିଛି କହିପାରିଲିନି । ପମିଅପାଙ୍କୁ ଅନାଇବାକୁ ସାହସ ହେଉନଥାଏ । ତଥାପି ମୋ ଅଜାଣତରେ ଆଖି ପଡିଗଲା ତାଙ୍କ ଉପରେ । ସେ ମଧ ମାଉସୀଙ୍କ କଥା ସମର୍ଥନ କରୁଥିଲେ ନୀରବ ଛଳ ଛଳ ଆଖିରେ । ମୁଁ ଅସରନ୍ତି ଦୁଃଖକୁ ଛାତିରେ ରଖି ବାପା ବୋଉଙ୍କ ପାଖକୁ ଆସିଲି । ମୁଁ କିଛି କହିବା ପୂର୍ବରୁ ବୋଉ ମୋତେ ତାଗିଦ୍ କଲା... ରାଜୁ ପେଟରୁ କାଟି ପଇସା ଦେଉଛୁ ତୁ ପଢିବା ପାଇଁ । ଏଣିକି ତୁ ପଢାପଢିରେ ମନ ଦେ । ଏ ବେକାର କଥାରେ ମୁଣ୍ଡ ଖେଳାନା । ମୁଁ ଆଶ୍ଚର୍ଯ୍ୟ ହୋଇଚାହିଁଲି । ବୋଉର ପୁଣି କ'ଣ ହେଲା ?

ମୁଁ ଚାଲିଆସିଲି କଟକ । କ'ଣ କରିବି, ମୋ ମୁଣ୍ଡ କିଛି କାମ କରୁ ନଥାଏ । ତେବେ ମୋତେ ପାଠ ପଢିବାକୁ ହେବ । ମୁଁ ଭଲ ଚାକିରୀଟିଏ କଲେ ସିନା, ପମିଅପା ମୁଣ୍ଡରେ ସିନ୍ଦୂର ଦେଇ ତାକୁ ସିମନ୍ତିନୀ କରାଇବି । ଛାଡ଼... ମୁଁ ପାଠପଢ଼ାରେ ବ୍ୟସ୍ତ ରହିଲି । ଆଉ ମାଉସୀ କି ପମିଅପାର ଖବର କିଛି ରଖିପାରିନି । ଦିନେ କାହିଁକି ମନ ଭାରି ବ୍ୟସ୍ତ ଲାଗିଲା । ମୁଁ କାହାକୁ ନ ଜଣାଇ ସିଧାଯାଇ ପମିଅପା ଘରେ ପହଞ୍ଚିଗଲି । ମାଉସୀ ଗାଁ ଆଡ଼େ ବୁଲିଯାଇଥିଲେ । ମୋତେ ଦେଖି ପମିଅପା ଅପ୍ରତିଭ ହୋଇ କହି ଉଠିଲେ.... ତୁମେ ? ମୁଁ କେବଳ ଚାହିଁ ରହିଥିଲି । ଏ କ'ଣ... ପମିଅପା । ଧଳା ଶାଢୀ ପିନ୍ଧି ହାତ ଖାଲି କରି ଏକ ବିଧବା ପରି ବେଶ ହୋଇଛନ୍ତି । ମୋ ଛାତି ଭିତରଟା କରତି ହୋଇଗଲା । ସେ ମୋତେ ଦେଖି ପରଶୁଣିରେ ଚିନି ଲୁଣ ପାଣିରେ ପକାଇ ହାତରେ ଗୋଳାଇ କାଗିଜି ଲେମ୍ବୁପତ୍ରକୁ ମଳି ଦେଇ ପିଇବାକୁ ଦେଲେ । ଆଃ ଅମୃତ ପରି ଲାଗିଲା । କି ଶାନ୍ତି.... ସତରେ ଯେମିତି ତାଙ୍କ ହାତରେ ଅମୃତ ଅଛି । ମାଉସୀ ଆସି ମୋତେ ଦେଖି ଖୁସି ହୋଇଗଲେ । ମୁଁ ଆଖିର ଇଙ୍ଗିତରେ ଜଣାଇଦେଲି ଜମା ବ୍ୟସ୍ତ ହୁଅନା । ମୁଁ ଅଛି । ଏତିକି କହି ଘରକୁ ନଯାଇ କଟକ ଫେରିଆସିଲି ।

ଏହି କଥାରେ ପଛରେ ଗାଁରେ ତୁମୂଳ କାଣ୍ଡ ଆରମ୍ଭ ହୋଇଗଲା । ମୋ ବୋଉ ଭୀଷଣ ରାଗି ଯାଇ ପମିଅପା ମାଉସୀଙ୍କୁ ଯାହା ଇଚ୍ଛା କହି ଗାଳିଗୁଲଜ କଲା । ଗାଁ ଲୋକ ମଧ ବୋଉକୁ ସପଟ କଲେ । କାରଣ ପମିଅପା ଗୋଟିଏ ବିଧବା । ଏକଥା ଶୁଣି ମୋ ମନରେ ଝଡ଼ ଉଠୁଥିଲେ ମଧ ମୁଁ ନୀରବ ହୋଇ ରହିଗଲି । କାରଣ ମୋର ସ୍ୱାଧୀନତା ନଥିଲା । ବାପାଙ୍କ ପଇସାରେ ପାଠ ପଢୁଥିଲି । କିନ୍ତୁ ମନରେ ପ୍ରଶ୍ନ ଆସେ । ପମିଅପା ଆଉ ମାଉସୀଙ୍କର ଦୋଷ କ'ଣ ? ଗାଁ ବାଲା ତ ବୁଝିଲେ ନାହିଁ । ମୋ ବୋଉର ବୁଝିବା ନିହାତି ଦରକାର ।

ଏମିତି କଥା ଭାବି ଭାବି କେତେ ବିନିଦ୍ର ରଜନୀ ପାହିଛି, ତା'ର ହିସାବ ନାହିଁ । ବିଚାରି ପମିଅପା ବିନା ଅପରାଧରେ ଅପରାଧିନୀ । ସେ ସ୍ୱାମୀ ମୁହଁ ଦେଖିନି । ତାକୁ ଛୁଇଁନି । ତା'ର ମୃତ୍ୟୁରେ ସେ ବିଧବା ହେଲା କିପରି ? ଧନ୍ୟ ଏ ସମାଜ । କେତେ ଅନ୍ଧ ସତେ ଏ ସମାଜ ? ଯୁଆଡ଼େ ବର୍ଷା ସେ ଆଡ଼େ ସେ ଛତା ଦେଖାଏ । ତା'ର ନିଜର ବିଧାନ କିଛି ନାହିଁ । ଛାଡ଼.... ମୁଁ ମୋ ଲକ୍ଷପଥରେ ପହଞ୍ଚିସାରେ.... ତା'ପରେ ଏ ସମାଜ ଦେଖିବ ଗୋଟାଏ ନୂତନ ଅଧ୍ୟାୟ । ନୂତନ ସଂସ୍କାର ପାଇବ । ଏମିତି କେତେ ଦିନ ଚାଲିଗଲାଣି । ମୁଁ ଗୋଟିକ ପରେ ଗୋଟିଏ ପାହାଚ ପାଠକୁ ଅତିକ୍ରମ କରିସାରିଲିଣି ।

ଆଉ ଗାଁକୁ ଯାଇନି କି ଯିବିନି ବୋଲି ଶପଥ କରିଛି । ଯେଉଁଦିନ ପମିଅପା ମୁଣ୍ଡରେ ସିନ୍ଦୂର ଦେବି ସେହିଦିନ ଗାଁକୁ ଯିବି । ମୋ ରାଣ ପମିଅପା ମେତେ

ଖରାପ ଭାବିବନି । ଠିକ୍ ସମୟରେ ମୁଁ ପହଞ୍ଚିବି । ଆଇ.ଏ.ଏସ୍. ପାଇଁ ପ୍ରସ୍ତୁତ ହେଉଥିଲି । ଦିନେ ବାପା ଆସି ପହଞ୍ଚିଲେ । ତାଙ୍କ ମୁହଁଟା ଶୁଖି ଯାଇଥିଲା । ଖରାରେ ଆସିଛନ୍ତି । ସେଥିପାଇଁ ବୋଧେ କ୍ଲାନ୍ତ ହୋଇଯାଇଛନ୍ତି । ଗୋଡ଼ ହାତ ଧୋଇ ଖାଇପିଇ ସାରି ବିଶ୍ରାମ ନେବାକୁ ଗଲା ବେଳକୁ କହିଲେ ରାଜୁରେ ଅନାଦି ମଉସାର ଘରଟା ଛାରଖାର ହୋଇଗଲା । ମୁଁ ବ୍ୟଗ୍ର ହୋଇ ପଚାରିଲି.... କାହିଁକି.... କ'ଣ କିଛି ଅଘଟଣ ଘଟିଛି କି ? ବାପା କହିଲେ.... ହଁ.... ରେ ତୁ କିଛି ଶୁଣିନୁ ? ମୁଁ କହିଲି ବାପା ଶୀଘ୍ର କୁହ କ'ଣ ହୋଇଛି ?

ଆରେ... ଗାଁ ବାଲାଙ୍କର କଟୂ କଥା ଥଟ୍ଟା ତାମସା ଟାହି ଟାପରା ସହି ନପାରି ପମି ଘର ଛାଡ଼ି କୁଆଡ଼େ ପଳାଇଲା ଚିଠିରେ ଲେଖି ଦେଇଗଲା.... ମୋ ମରଣ ପାଇଁ କେହି ଦାୟୀ ନୁହନ୍ତି । ତୋ ମାଉସୀ ଏକଥା ସହିପାରିଲାନି । ତା'ର ହାର୍ଟ-ଫେଲ୍ ହୋଇଗଲା । ସବୁ ଚାଲିଗଲା । ସବୁ ସରିଗଲା । ଖାଲି ନିଅଁସିଆ ଢିଅଟା ଠିଆ ହୋଇରହିଛି । ..... ଏ କଥା କହି ବାପା ଆଖି ପୋଛିଲେ । କାରଣ ସେ ପମିଅପା ଆଉ ତାଙ୍କ ପରିବାରକୁ ବହୁତ ଭଲ ପାଉଥିଲେ ।

ମୋ ମୁଣ୍ଡରେ ବଜ୍ର ପଡ଼ିଲା ପରି ଲାଗିଲା । ମୁଁ କହିଲି ଏତେ କଥା ହୋଇଗଲା । ମୋତେ ଟିକେ ଜଣାଇଲନି ? ବାପା କହିଲେ.... ତୋ ବୋଉ ମନା କଲା, ତୋତେ ନ ଜଣାଇବାକୁ, କହିଲା.... ତା' ପାଠ ପଢ଼ା ଡିଷ୍ଟର୍ବ ହେବ । ମୋ ଜୀବନଟା ବି ବିଶୃଙ୍ଖଳା ହୋଇଗଲା । ବୋଉକୁ କହିଦେବ ତା'ପାଇଁ ମୁଁ ମରିଗଲି । ବାପା ଟିକେ ବିଶ୍ରାମ ନେଇ କାନ୍ଦି କାନ୍ଦି ଗାଁକୁ ଚାଲିଗଲେ । ଆଉ ମୋ ଦେହରୁ ଜୀବନଟାକୁ ନେଇଗଲେ । କିଛି ଭଲ ଲାଗୁ ନ ଥିଲେ ବି କାହିଁକି ମୋ ମନଟା ଅସ୍ଥିର ହେଉ ନଥିଲା । ଯେପରି ଲାଗୁ ଥିଲା ପମିଅପା ମରିନାହାନ୍ତି । ସେ ନିଶ୍ଚୟ ବଞ୍ଚିଥିବେ । କେବଳ ମୋ ପାଇଁ, ଦେଖାଯାଉ ପ୍ରଭୁ କ'ଣ ଲେଖିଛନ୍ତି ମୋ ଭାଗ୍ୟରେ ।

ପ୍ରଭୁଙ୍କର ଆଶୀର୍ବାଦରୁ ମୁଁ ଆଇ.ଏ.ଏସ୍. ପାଇଗଲି । ଆଉ କଟକ ଜିଲ୍ଲାର ଉଚ୍ଚପଦସ୍ଥ ଅଫିସର ପୋଷ୍ଟରେ ଚାକିରୀ ପାଇଗଲି । ମୋତେ ଗାଡ଼ି, ବଙ୍ଗଳା, ଚାକର, ପିଅନ ସବୁ ମିଳିଲା । ଏ ଆନନ୍ଦ ଯାହା ପାଇଁ ମହା ଆନନ୍ଦରେ ପରିଣତ ହୋଇଥାଆନ୍ତା ସେ ଆଜି ମୋ ପାଖରେ ନାହାନ୍ତି । ଶୟନେ ସପନେ ମନ କେବଳ ପମିଅପାଙ୍କୁ ଖୋଜୁଥିଲା । କିଛିଦିନ ପରେ ଗୋଟିଏ ସ୍କୁଲର ଜୟନ୍ତୀ ଉତ୍ସବ ଉଦ୍‌ଘାଟନ କରିବାକୁ ମୋତେ ନିମନ୍ତ୍ରଣ ଆସିଲା । ମୁଁ ସରକାରୀ ସହକାରୀଙ୍କ ସହିତ ଉତ୍ସବରେ ଯୋଗ ଦେବାକୁ ଗଲି । କଟକ ଜିଲ୍ଲାର ଖଣ୍ଡାୟତ ପାଇକରା ଗ୍ରାମଟି ଚହଳଚଞ୍ଚଳ ହୋଇଉଠିଛି । ଠାଏ ଠାଏ ତୋରଣ ମାନ ସଜା ହୋଇଛି । ଗ୍ରାମଟି ପରିଷ୍କାର ପରିଚ୍ଛନ୍ନ । ଗ୍ରାମ ଭିତରେ ପଶିଗଲାରୁ ସଂସ୍କାରର ଗନ୍ଧ ବେଶ୍ ଅନୁଭବ ହେଉଥାଏ । ଗାଁ ପରିମଳ ଧୋବା ତୁଠରୁ ବୋଲି ଆମରି କଥାରେ ଅଛି । ଏକଥା ସତ୍ୟରେ ପରିଣତ କରିଛନ୍ତି ଗ୍ରାମବାସୀମାନେ ଠିକ୍ ସମୟରେ ଉତ୍ସବ ଆରମ୍ଭ ହୋଇ ଶେଷ ହୋଇଗଲା । ଆଉ ଗୋଟିଏ ଅନାଥ ଆଶ୍ରମ ପରିଦର୍ଶନ କରିବାକୁ ଗ୍ରାମବାସୀ ଅନୁରୋଧ କଲେ । ମୁଁ ମଧ୍ୟ ଗଲି । ଅନାଥ ପିଲାମାନଙ୍କୁ ଦେଖି ମୋର ହୃଦୟ ତରଳି ଗଲା । ମୁଁ କିଛି ଅନୁଦାନ ଦେବି ବୋଲି ପ୍ରତିଶ୍ରୁତି ଦେଲି ।

ଆଉ ଟିକେ ଆଗକୁ ଗଲି । ଦେଖିଲି ଗୋଟିଏ ପରିତ୍ୟକ୍ତ ଘରର କାନ୍ଥରେ ଅନାଥ ଆଶ୍ରମ ଦୁଇ ବୋଲି ଲେଖାଯାଇଛି । ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି ଏ ଅନାଥା ଆଶ୍ରମ ଦୁଇ କ'ଣ ? ସେ କହିଲେ ଆଜ୍ଞା ତିନିଚାରି ବର୍ଷ ହେବ ଗୋଟିଏ ବିଧବା ଝିଅଟିଏ ଦୁଇଟି ଅନାଥ ପିଲାଙ୍କୁ ଧରି ଆସି ଏହି ଗ୍ରାମରେ ଭିକ୍ଷାବୃତ୍ତି କରି ଛୋଟ ଛୋଟ ପିଲାଙ୍କୁ ପାଠପଢ଼ାଇ ନିଜ ପେଟ ପୋଷୁଛନ୍ତି । ଭାରି ଭଲଝିଅଟିଏ ଆଜ୍ଞା । ଭଦ୍ର, ସରଳ ସଂସ୍କାରୀ, ଟିକକରେ ସମସ୍ତଙ୍କୁ ଆପଣାର କରିନେବ । କି ବୁଢ଼ା କି ପିଲାଙ୍କ ମୁହଁରେ ଝିଅଟିର ପ୍ରଶଂସା ଶୁଣି ତାଙ୍କୁ ଦେଖିବାକୁ ଇଚ୍ଛା ହେଲା, ମୁଁ କହିଲି ସେ ମହିୟସୀ ମହିଳାଙ୍କୁ ମୁଁ ଟିକେ ଦେଖିପାରିବିକି ? ....ହଁ .... ହଁ ଚାଲନ୍ତୁ କହି ଆଗରେ

ସେମାନେ ଗଲେ । ଆଉ ମୁଁ ପଛରେ ଗଲି । ଘର ଭିତରଟି ଭାରି ସଫାସୁତୁରା । ଗୋଟିଏ ପୁଅ ଆଉ ଗୋଟିଏ ଝିଅକୁ ନେଇ ସେ ସ୍ତ୍ରୀ ଲୋକଟି ଭାରି ଖୁସି ଥିଲେ । କାରଣ ସୁନ୍ଦର କଣ୍ଠରେ ଗୀତ ଗାଇ ଗାଇ ପିଲାଙ୍କୁ ଖୁଆଉ ଥାଆନ୍ତି । ସେ କଣ୍ଠ ଶୁଣି ମୁଁ ଚମକି ପଡ଼ିଲି । ମୋ ଛାତି ଧଡ଼ ଧଡ଼ ହେବାକୁ ଲାଗିଲା । ମୋର ଆଉ ଧୈର୍ଯ୍ୟ ରହୁ ନଥାଏ । କିପରି ସ୍ତ୍ରୀଲୋକଟିର ମୁହଁ ଦେଖିବି । ଗ୍ରାମ ମୁରବି ଡାକିଲେ ଆରେ ମା', ମାଜିଷ୍ଟ୍ରେଟ୍ ବାବୁ ଆସିଛନ୍ତି ଦେଖିଲୁ ।

ସେ ସଙ୍ଗାତ ହୋଇ ବୁଲି କରି ଚାହିଁ ଦେଲେ । ତାଙ୍କ ଆଖି ମୋ ଆଖି ଏକାଠି ହୋଇଗଲା । ଚମକି ପଡ଼ିଲି.... ଏଁ.... ପମି ଅପା ? ସେ ମଧ୍ୟ ଚମକି ପଡ଼ିଲେ । କିନ୍ତୁ ନ ଚିହ୍ନିଲା ପରି ଅଭିନୟ କରି ମୋତେ ନମସ୍କାର କଲେ । ପିଲା ଦୁଇଟିକୁ ମଧ୍ୟ ନମସ୍କାର ହେବାକୁ କହିଲେ । ମୁଁ ମଧ୍ୟ ସେହିପରି ଅଭିନୟ କଲି । ମୁଁ ପଚାରିଲି ଏ ଗ୍ରାମରେ ତ ଗୋଟାଏ ଅନାଥ ଆଶ୍ରମ ଅଛି । ତୁମେ ପୁଣି ଅଲଗା କାହିଁକି କରିଛ ? ପୁଣି କାହାର ସାହାଯ୍ୟ ନ ନେଇ, ସେ କହିଲେ ମୁଁ ଚାହୁଁନି କେହି କହୁ ମୋ ଦାନରେ ଅନାଥ ଆଶ୍ରମ ହୋଇଛି ବୋଲି । ବହୁତ ଭଲ ଲାଗିଲା । ଭାବିଲି ସେ ମୋ ପମିଅପାଟି ? ... ନ ହେଲେ ଏପରି ଉଦାର ହୃଦୟ କାହାର ହୋଇଥାଆନ୍ତା । ମୁଁ ଫେରିଆସିଲି, ଆଜି ଯେମିତି ମୋତେ ସ୍ୱର୍ଗର ଚାନ୍ଦ ମିଳିଯାଇଛି । ଗ୍ରାମବାସୀଙ୍କ ଠାରୁ ପମିଅପାଙ୍କର ଠିକଣା ନେଇ ମୁଁ ବିଦାୟ ନେଲି । ଗ୍ରାମବାସୀ ଅତି ଆନନ୍ଦ ଉତ୍ସାହ ଭିତରେ ମୋତେ ବିଦାୟ ଦେଲେ । ମୁଁ ଛାତିରେ ଛାତିଏ ଆନନ୍ଦ ନେଇ କଟକ ଆସିଲି ମୋ ବଙ୍ଗଳାକୁ .... ।

ରାତିରେ ବହୁତ ଦିନର ଅନିଦ୍ରା ଆଜି ସୁଖ ନିଦ୍ରାରେ ପରିଣତ ହେଲା । ଚାରିଆଡ଼େ ଯେମିତି ଖୁସି ଆନନ୍ଦ ବର୍ଷା ହେଉଛି, ମୋ ମନକୁ ମନ ଲାଗୁଛି । ସମସ୍ତେ ଯେମିତି ମୋତେ ଦେଖି ଆନନ୍ଦରେ ହସୁଛନ୍ତି । ରାତିରେ ବି ଲକ୍ଷ କରିଛି ଚାନ୍ଦଟା ମୋତେ ଟିକିଏ ଚାହିଁ ତାରାମାନଙ୍କୁ କ'ଣ କାହାଣୀ ଶୁଣାଉଛି । ତାରାମାନେ ହସି ହସି ଗଡି ଯାଉଛନ୍ତି । ମୋତେ ଲାଜ ଲାଗିଲା । ମୁଁ ଘର ଭିତରକୁ ପଳାଇ ଆସିଲି । କିଛିଦିନ ପରେ ମୁଁ ଗ୍ରାମବାସୀଙ୍କ ଜରିଆରେ ଗୋଟେ ଚିଠି ଲେଖିଲି । ଉଦ୍ଦେଶ୍ୟ ପମିଅପାଙ୍କ ଅନାଥା ଆଶ୍ରମ ବିଷୟରେ କିଛି କଥା ହେବାକୁ ନିଜର ଅନିଚ୍ଛା ସତ୍ତ୍ୱେ ଗ୍ରାମର ମୁରବୀଙ୍କ ସହିତ ପମିଅପା ଦୁଇଟି ଛୁଆକୁ ଧରି ମୋ ଅଫିସ୍‌ରେ ପହଞ୍ଚିଲେ । ମୁରବୀ ଜଣଙ୍କ ଅନ୍ୟଆଡ଼େ କାମ ଅଛି କହି ଚାଲିଗଲେ । ମୁଁ ତାଙ୍କୁ ଗାଁରେ ପହଞ୍ଚାଇ ଦେବାକୁ ପ୍ରତିଶ୍ରୁତି ଦେଲି । ଅଫିସ୍ କାମ ଶୀଘ୍ର ସାରି ମୁଁ ସେମାନଙ୍କୁ ଧରି ବଙ୍ଗଳାକୁ ଚାଲିଆସିଲି । ଆସିବା ଠାରୁ ବଙ୍ଗଳାରେ ପହଞ୍ଚିବା ପର୍ଯ୍ୟନ୍ତ ପମିଅପା ନୀରବ ।

ମୁଁ ପ୍ରଥମେ ଆରମ୍ଭ କଲି.... ପମିଅପା.... ତୁମେ ମୋତେ ଏତେ ପର ବୋଲି କାହିଁକି ଭାବିଲ ? ମୁଁ କ'ଣ ତୁମର ଯୋଗ୍ୟ ନୁହଁ ? ସେ ହଠାତ୍ କହିଉଠିଲେ... ରାଜୁ ପିଲାମାନେ କାହାଁନ୍ତି ? .... ମାନେ ତୁମର ସ୍ତ୍ରୀ କି ପିଲାକିଛି... । ମୋ ଆଖିର ଲୁହକୁ ଛପାଇ ରଖିବାକୁ ଚେଷ୍ଟା କଲି । କିନ୍ତୁ ପାରିଲିନି । ଅମାନିଆ ଲୁହଧାର ଦୁଇଆଖିରୁ ଗଡ଼ିଗଲା । ବାଷ୍ପରୁଦ୍ଧ କଣ୍ଠରେ ମୁଁ କହିଲି ମୋ ସଂସାର ତ ତୁମେ ଭାଙ୍ଗି ଚାଲିଗଲ । ଆଉ ମୋର ସଂସାର ଆସିବ କେଉଁଠୁ ? ମୁଁ ଲକ୍ଷ୍ୟ କଲି ସେ ମଧ୍ୟ କାନ୍ଦୁଥିଲେ । ମୁଁ ପଚାରିଲି.... ପମିଅପା କୁହ ତୁମର କ'ଣ ହେଲା ? ଏମିତି କ'ଣ ପାଇଁ କଲ ? .... ସେ ଆରମ୍ଭ କଲେ ....

ଝିଅ ଜନମର ସହଚର ହେଲା ନିନ୍ଦା, ଅପବାଦ । ତାକୁ ସହିବା ସବୁ ଝିଅଙ୍କ ପକ୍ଷେ ସମ୍ଭବ ନୁହେଁ । ମୁଁ ବହୁତ ଚେଷ୍ଟା କଲି, କିନ୍ତୁ ପାରିଲିନି । ମୋ ପାଇଁ ଏତେ ସବୁ ଘଟୁଛି ଭାବି ନିଜକୁ ଶେଷ କରିଦେବି ବୋଲି ଭାବି ମୁଁ ବୋଉକୁ କିଛି ନ କହି ଚିଠି ଖଣ୍ଡେ ଲେଖିଦେଇ ରାତି ଅଧରେ ଘରୁ ଗୋଡ଼ କାଢି ଚାଲିଆସିଲି । ଭାବିଥିଲି ନଈକୁ ଡେଇଁ ଆତ୍ମହତ୍ୟା କରିଦେବି । ନିଶୁନ ନିର୍ଜନ ରାତିରେ ମୁଁ ଚାଲୁଥିଲି । ହଠାତ୍ ମୁଁ.... ମୁଁ.... କାନ୍ଦ ମୋ କାନରେ ପଡ଼ିଲା । ମୁଁ ଚାରିଆଡ଼କୁ ଚାହିଁଲି । କିଛି ଦେଖାଯାଉନି । ପାଖରେ ଗୋଟିଏ ଗଛ ଦେଖା ଯାଉଥିଲା । ତା'ରି ପାଖରୁ ମୋତେ କାନ୍ଦଟା ଶୁଭୁଥାଏ । ମୁଁ ଭାବୁଥାଏ କେହି ଅଶରୀରି ବୋଧେ ମୋତେ ଡରାଇବାକୁ ଚେଷ୍ଟା କରୁଛି । ତଥାପି

ସାହାସ ବାନ୍ଧି ଗଛ ପାଖକୁ ଗଲି । ଯାହା ଦେଖିଲି ଆଶ୍ଚର୍ଯ୍ୟ ହୋଇଗଲି । ଗୋଟିଏ ସାତଆଠ ବର୍ଷର ଝିଅ ଗୋଡ଼ରେ କୁନିପୁଅଟି ଶୋଇଛି । ଆଉ ଝିଅଟି ଭୟରେ କାନ୍ଦୁଛି । ମୁଁ ତାକୁ ପଚାରିଲି । ତୁମେ କିଏ ମା' ? ସେ କହିଲା.... ମୁଁ ରଞ୍ଜୁ । ଏ ମୋର କୁନି ଭାଇ ମୁଁ ପଚାରିଲି.... ତୁମେ ଏଠି ଏ ନିଛାଟିଆ ଜାଗାରେ ଏତେ ରାତିରେ କ'ଣ କରୁଛ ? ଆଉ କାନ୍ଦୁଛ କାହିଁକି ? .... ସେ କହିଲା ମୋ ମାଆକୁ ମୋ ମଦୁଆ ବାପା ମାରିଦେଲା । ଆଉ ଆମକୁ ବାଡ଼େଇ ଘରୁ ବାହାର କରିଦେଲା । ମୁଁ ପଚାରିଲି କାହିଁକି ? ସେ କହିଲା ମୋ ବାପା ଆଉ ଗୋଟେ ବାହା ହେବ ବୋଲି ଆମକୁ ବାହାର କରିଦେଲା । ମୁଁ ଛୁଆଟାକୁ ଧରି କୁଆଡ଼େ ଏତେ ରାତିରେ ଯିବି ବୋଲି ଭାବି ଏଇଠି ବସିଥିଲି । ମୋତେ ଭାରି ଡର ଲାଗିବାରୁ ମୁଁ କାନ୍ଦୁଥିଲି । ମୋ ମାଆ କଥା ମନେପଡୁଛି । ଆମେ ଦୁଇଜଣ ଦୁଇଦିନ ହେବ କିଛି ଖାଇନୁ । ପିଲାଟା ଭୋକରେ ଶୋଇପଡ଼ିଛି ।

ଏକଥା ଶୁଣିଲା ପରେ ମୋର ଏ ସମାଜ.... ଏ ଦୁନିଆ ପ୍ରତି ରାଗ ଘୃଣାରେ ହୃଦୟ ଭରିଗଲା । ତେବେ କ'ଣ କରିବି ? ଘରକୁ ତ ଆଉ ଫେରିବିନି । ମୁଁ ଶପଥ କଲି ଆଉ ମରିବିନି । ଏ ଛୁଆ ଦୁଇଟିଙ୍କୁ ନେଇ ମୁଁ ଏକ ଅନାଥ ଆଶ୍ରମ କରି ମଣିଷ କରିବି । ପିଲା ଦୁଇଟିକୁ ଧରି ମୁଁ ନଦୀ କୂଳକୁ ଗଲି । ସାହସର ସହିତ ଡଙ୍ଗାକୁ ଫିଟାଇ ନଦୀ ଅତିକ୍ରମ କରି ଚାଲିଆସିଲି ଏପଟ କୂଳକୁ । ଆସି ପହଞ୍ଚିଗଲି ଖଣ୍ଡାଏତ ପାଇକରା ଗାଁରେ । ଗ୍ରାମରେ ଘରେ ଘରେ ବୁଲି ମୋ ନିଜର ପରିଚୟ ଲୁଚାଇ ପିଲାଙ୍କ ଭବିଷ୍ୟତ କିପରି ଗଢ଼ା ହେବ, ଗାଁ ଲୋକଙ୍କୁ କହି ତାଙ୍କର ବିଶ୍ୱାସ ଜନ୍ମାଇଲି । ଅଳ୍ପଦିନ ମଧ୍ୟରେ ମୁଁ ସମସ୍ତଙ୍କର ହୃଦୟ ଜୟ କରିପାରିଲି । ସମସ୍ତଙ୍କର ସାହାଯ୍ୟ ସହାନୁଭୂତିରେ ମୁଁ ଏ ପର୍ଯ୍ୟନ୍ତ ଏ ଛୁଆ ଦୁଇଟିକୁ ଧରି ଧୀରେ ଧୀରେ ଆଗେଇ ଚାଲିଛି । ତା'ପରେ ତୁମ ସହିତ ଦେଖା ।

ମୁଁ କେବଳ ପମିଅପା ମୁହଁକୁ ଚାହିଁ ଦୀର୍ଘ ନିଶ୍ୱାସ ପକାଇଥିଲି । କେମିତି କହିବି ଏସବୁ ଛାଡ଼ି ଚାଲିଆସ, ଆମେ ଆମ ସଂସାର ଗଢ଼ିବା । ସାହାସ ହେଉ ନଥିଲା, କିନ୍ତୁ ପମିଅପାର ହୃଦୟରେ କେବଳ ମୁଁ ଅଛି, ଏ କଥା ମୁଁ ପରିଷ୍କାର ଆଭାଷ ପାଉଥିଲି । ରାତି ଅନେକ ହୋଇଥିଲା । ମୁଁ ଇଙ୍ଗିତ ଦେଲି ଯାଇ ଶୋଇବାକୁ । ସେ ଉଠିଗଲେ ଆର ରୁମ୍‌କୁ । ଆଉ ମୁଁ ଚାଲିଗଲି ମୋ ରୁମ୍‌କୁ । ବିଛଣାରେ ପଡି ଛଟପଟ ହେଉଥିଲି । ନିଦ ଆସୁ ନଥିଲା । ଆଖି ଚାହୁଁ ନଥିଲା । ବିଶ୍ରାମ ନେବାକୁ । ପୁଣି ସ୍ୱପ୍ନ ଦେଖିବାକୁ ପମିଅପା ଖୋରାକ ଯୋଗାଇ ଦେଲେ କିଏ ଜାଣେ ଏ ସ୍ୱପ୍ନ ସତ ହେବତ .... ? ସବୁ କଥା ଭାବୁ ଭାବୁ ମୋତେ ନିଦ ହୋଇଯାଇଛି । ପମିଅପା ଆସି ମୋତେ ହଲାଇ ଡାକି ଦେଲେ 'ରାଜୁ' ଉଠ.... ଅଫିସ୍ ଯିବ । ଡେରି ହେଲାଣି । ମୁଁ ଚମକି କରି ଉଠିପଡ଼ିଲି । ତରବରରେ ନିତ୍ୟକର୍ମ ସାରି ଆସି ଦେଖେତ ଜଳଖିଆ ପ୍ରସ୍ତୁତ । ମୁଁ ରାମୁ.... ରାମୁ.... (ଚାକର ନାମ) ଡାକିଲାରୁ ପମିଅପା କହିଲେ.... ଛୁଆ ଲୋକତ ମୁଁ ତାକୁ କହିଲି ଯା' ଘର ଆଡ଼େ ବୁଲିଆସିବୁ । ସେ ଆଜି ତା'ଘରକୁ ଯାଇଛି । ଆଉ ଏସବୁ... ମୁଁ ପଚାରିଲି ।

ମୁଁ କରିଛି, କାହିଁକି ମୁଁ କ'ଣ କରିପାରିବିନି ? ମୁଁ ମୁରୁକି ହସି ଖାଇ ବସିଲି । ପମିଅପା ଜୋତା ବ୍ରସ୍ କରିବାକୁ ଚାଲିଗଲେ । ପିଲାଦୁଇଟି ବାଧ୍ୟ ପିଲା ପରି ପମିଅପା କଥାରେ ଧିରସ୍ଥିର ହୋଇ ବସିଥାଆନ୍ତି । ମୁଁ ପମିଅପା ଅଜାଣତରେ ତାଙ୍କୁ ଚାହିଁ ରହିଥାଏ । ପମିଅପା ତାଗିଦ୍ କଲା ପରି ଆସି କହିଲେ.... ଏ କ'ଣ ? ତୁମେ ଏ ପର୍ଯ୍ୟନ୍ତ ଖାଇନ ? ରହିଥା ମୁଁ ଆସୁଛି । ବେସିନ୍‌ରେ ହାତ ଧୋଇ ଆସି ପୁରି ଛିଣ୍ଡାଇ ମୋ ପାଟିରେ ଭର୍ତ୍ତିକଲାବେଳେ ମୁଁ ହାତକୁ ଧରି କାନ୍ଦି ପକାଇଲି । ସତେ ମୋର ବହୁ ପ୍ରତିକ୍ଷିତ ଆକାଶର କୁସୁମ ମୋ ହାତରେ ଆସି ପହଞ୍ଚିଛି । ସେ ମଧ୍ୟ କାନ୍ଦି କାନ୍ଦି କହିଲେ.... ରାଜୁ.... ଭଗବାନ୍ ଆମକୁ କ'ଣ ପାଇଁ ମିଳାଇଛନ୍ତି ମୁଁ ଜାଣିନି । କିନ୍ତୁ ମୁଁ ସବୁଦିନେ ତୁମର ହୋଇଥିଲି । ହୋଇଛି ଆଉ ହୋଇଥିବି ।

ମୁଁ ଆନନ୍ଦରେ ପମିଅପାକୁ କୁଣ୍ଢାଇ ପକାଇଲି । ପିଲା ଦୁଇଟିଙ୍କ ଆଖିରୁ ଆନନ୍ଦର ଅଶ୍ରୁ ବହି ଯାଉଥିଲା । ମୁଁ ପମିଅପା ଠାରୁ ବିଦା ନେଇ ଅଫିସ୍‌କୁ ଚାଲିଆସିଲି ।


ମନ ଲାଗୁ ନଥାଏ ଅଫିସ୍‌ରେ । କେତେବେଳେ କାମ ସରିବ ମୁଁ ଯିବି । ଖାଇବା ଛୁଟିରେ ଅଫିସ୍‌ରୁ ବଙ୍ଗଳାକୁ ଆସିଲି । ଦେଖିଲି ପମିଅପା ମୋତେ ଅପେକ୍ଷା କରିଛନ୍ତି । ମୋତେ ଦେଖି ଖାଦ୍ୟ ପରଷି ଦେଲେ । କେତେ ପ୍ରକାର ରୋଷେଇ କରିଛନ୍ତି । ସବୁଗୁଡ଼ିକ ମୋର ପସନ୍ଦ । ତା'ହେଲେ ମୋର ପସନ୍ଦ ଅପସନ୍ଦ ବିଷୟ ସବୁ ପମିଅପାଙ୍କୁ ଜଣା । ମୁଁ କହିଲି ପମିଅପା ତୁମେ ନେଇଆସ । ସେ କହିଲେ.... ନାଇଁ.... ନାଇଁ ପିଲାମାନେ ଖାଇ ନାହାନ୍ତି । ମୁଁ ତାଙ୍କୁ ଖୁଆଇ ସାରିଲା ପରେ ଖାଇବି । ତୁମେ ରାତିକୁ ଆସ । ସାଥୀ ହୋଇ ଖାଇବା । ମୁଁ ଅତି ଆନନ୍ଦରେ ଚାଲିଗଲି ଅଫିସ୍‌କୁ । ସନ୍ଧ୍ୟା ଛ'ଟାରେ ମୁଁ ଘରକୁ ଆସି ଦେଖେତ ପମିଅପା ଠାକୁରଙ୍କ ପାଖରେ ସଞ୍ଜ ଦେଇ ପ୍ରାର୍ଥନା କରୁଛନ୍ତି । ପିଲାମାନେ ମଧ୍ୟ ଅତି ଭକ୍ତି ସହକାରେ ଭଜନ ଗାଉଛନ୍ତି, ମୋତେ ଦେଖି ଠାକୁର ଘରେ ପହଡ଼ କରି ରୁମ୍‌କୁ ଆସିଲେ । ରୋଷେଇ ସାରି ଖାଇବା ପରେ ପିଲାମାନେ ଶୋଇପଡ଼ିଲେ ।

ପମିଅପା ଆସି ପାଖରେ ବସିଲେ, କହିଲେ ରାଜୁ ମୁଁ କାଲି ଗାଁକୁ ଫେରିଯାଉଛି । ମୁଁ ଚମକି ପଡ଼ିଲି । ମୋ ମୁଣ୍ଡ ଝିମି ଝିମି ହୋଇଗଲା । ମୋ ଗଳା ଶୁଖିଗଲା । ମୁଁ ଅସ୍ୱସ୍ତି ମନେକଲି । ଚିତ୍କାର କରି ଉଠିଲି.... ପମିଅପା ମୁଁ ମରିଗଲେ ତୁମେ ସୁଖୀ ହେବ ତ ? ତେବେ ଠିକ୍ ଅଛି ମୋ ମୁହଁ ଆଉ ତୁମେ କାଲି ଦେଖିବନି । ମୁଁ ଯାଉଛି କହି ରୁମ୍‌ର କବାଟ ବନ୍ଦ କରିଦେଲି । ପମିଅପା ଅତି ବିକଳରେ କାନ୍ଦି କାନ୍ଦି କବାଟ ବାଡ଼େଇ ଡାକିଲେ । କବାଟ ଖୋଲ ରାଜୁ... ମୋର ଭୁଲ୍ ହୋଇଯାଇଛି । ମୋତେ କ୍ଷମା କର । କେତେ ସମୟ ପରେ ମୁଁ କବାଟ ଖୋଲିଲି । ପମିଅପା ମୋତେ କୁଣ୍ଢାଇ ପକାଇ କହିଲେ 'ରାଜୁ' ମୁଁ କ'ଣ ସତରେ ତୁମକୁ ଛାଡ଼ି ଚାଲିଯାଇଥାଆନ୍ତି, ମୁଁ ତୁମକୁ ପରୀକ୍ଷା କରୁଥିଲି ।

ଆକାଶରେ ଜହ୍ନ, ତା'ର ଶୁଭ୍ର ଜୋଛନା ଚାରିଆଡ଼େ ବିଞ୍ଚି ଦେଇଥାଏ । ସୁଲୁସୁଲିଆ ଥଣ୍ଡା ପବନ ଦେହ ମନକୁ ଶୀତାକ୍ତ କରିଦେଉଥାଏ । ପମିଅପା କୋଳରେ ମୁଁ ମୁଣ୍ଡ ରଖି ଶୋଇଥାଏ । ମୋ ମୁଣ୍ଡକୁ ଆଉଁସୁ ଆଉଁସୁ ପମିଅପା କ'ଣ କହିବାକୁ ଉଦ୍ୟତ ହେଲା ବେଳକୁ ମୁଁ କହିଲି ପମିଅପା ତୁମର ଏ ଦୁଇଟି ପିଲା କ'ଣ ମୋର ନୁହଁନ୍ତି ? ମୁଁ ତୁମକୁ କଥା ଦେଉଛି ଆମେ ବିବାହ ବନ୍ଧନରେ ବାନ୍ଧି ହେଲେ ମଧ୍ୟ ଆମର ଏହି ଦୁଇଟି ଛୁଆ । ସେଇମାନେ ଆମର ସବୁକିଛି । ଏହା କହି ମୁଁ ପମିଅପାକୁ କୋଳକୁ ଟାଣିନେଲି । ପମିଅପା ଧେତ୍.... କହି ମୋତେ ଠେଲି ଦେଲେ । ଦୁଇଟି ଛୁଆ ଆମ ପିଠିରେ ନାଉ ହୋଇ ଆମ କପାଳକୁ ହସି ହସି ଚୁମା ବର୍ଷଣ କରୁଥାଆନ୍ତି ।

କୁଆ-କୋଇଲିଙ୍କର ମଧୁର କାକଳିରେ ଆମ ଚେତା ଫେରିଆସିଲା । ପମିଅପା ନିଜକୁ ସଜାତ କରୁଥିଲେ..... ।

**ଶିଖରପୁର, କଟକ**



# ପ୍ରତୀକ୍ଷା

ଡ. ବିଭୁଦତ୍ତ ଖଣ୍ଡାୟତରାୟ

ଜୀବନଟା ଯେତେ ସରଳ ଓ ସୁନ୍ଦର ଦେଖାଯାଏ ତାହା ବାସ୍ତବରେ ଠିକ୍ ନୁହେଁ । ଜୀବନର ବାସ୍ତବତା ବଡ଼ ନିଷ୍ଠୁର ଓ ନିର୍ଦ୍ଦୟ । ସରଳଭାବେ କହିବାକୁ ଗଲେ ଜୀବନ ରାସ୍ତାରେ ଦୌଡ଼ିବା ବହୁତ କଷ୍ଟ ସାଧ ର ଯାହାକୁ ବୋଧହୁଏ ଖୁବ୍ ପାଖରୁ ଓ ଅତି ନିକଟରୁ ଅନୁଭବ କରିଥିଲା ରତିକାନ୍ତ । କେଉଁ ଏକ ଅଜଣା ଗ୍ରାମ କମରୁପଦାରେ ହୋଇଥିଲା ରତିକାନ୍ତର ଜନ୍ମ । ଜନ୍ମରୁ ଅଭାବ ଅନାଟନରେ ବଞ୍ଚି ମଧ୍ୟ ଜୀବନ ରୂପକ ରାସ୍ତାରୁ ସେ କେବେହେଲେ ଓହରି ଯାଇନି । ଦୀପତଳ ଅନ୍ଧାର ପରି ନିଜ ଚତୁଃପାର୍ଶ୍ୱରେ ଅନେକ ପ୍ରାଚୁର୍ଯ୍ୟ ଥାଇ ମଧ୍ୟ ତାକୁ ବହୁ କଷ୍ଟ ସହ୍ୟକରି ବ ବାକୁ ପଡେ । ସେ ଯାହା ହେଉନା କାହିଁକି ଅଳ୍ପ ବହୁତେ ତା' ଜୀବନର ଗାଡ଼ି ଗଡ଼ିଚାଲେ ।

ପାଠପଢ଼ା ସାରି ସହରକୁ ମନ ବଳାଏ ରତିକାନ୍ତ । କାରଣ ପରିବାରର ଭରଣପୋଷଣର ଦାୟିତ୍ୱ ଥିଲା ତା' ଉପରେ । ଯେଉଁ ଲକ୍ଷ୍ୟ ନେଇ ସିଏ ଏ ସହରକୁ ଆସେ ! ସହର ଭିତରେ ବେଳେ ବେଳେ ରତିକାନ୍ତ ହଜିଯାଏ, କିନ୍ତୁ ଦାରିଦ୍ର୍ୟର ଶକ୍ତ ଧକ୍କା ତା'କୁ ପୁଣି ନେଇଆସେ ତା' ବାସ୍ତବ ଦୁନିଆକୁ । ଯେଉଁଠାରେ ପେଟକୁ ମୁଠାଏ ଦାନା ନଥାଏ କି ଦେହକୁ ଖଣ୍ଡେ କନା ନଥାଏ । କିନ୍ତୁ ସ୍ୱପ୍ନାଭିଳାସୀ ରତିକାନ୍ତ ସ୍ୱପ୍ନ ଦେଖିବା ବନ୍ଦ କରେନି । କିଛି ଫଳ ପାଉ କି ନପାଉ ସେ ସ୍ୱପ୍ନ ଭିତରେ ହଜି ଯାଇ, ତା'ପଛରେ ଧାଇଁବା ରତିକାନ୍ତର ଗୋଟାଏ ନିତିଦିନିଆ ଅଭ୍ୟାସ ।

ସହରରେ ଭେଟହୁଏ ଅନୁପମା । ଦିନକୁ ଦିନ ଅନୁପମା ସଙ୍ଗରେ ତା'ର ନିବିଡ଼ତା ବଢ଼ିଚାଲେ । ମନେ ମନେ ସେ ଅନୁପମାକୁ ଭଲପାଇବସେ । ଅନେକଥର ଭାବିଛି ଅନୁପମାକୁ କହିଦେବା ପାଇଁ କିନ୍ତୁ ତା' ବିବେକ ତା'କୁ ବାଧାଦିଏ । ଭାବେ ନାଁ ଥାଉ କହିବିନି । ମୋତେ ନେଇ ଯଦିସିଏ ସେଇ ସ୍ୱପ୍ନ ଦେଖୁନଥିବ ଯେମିତି ମୁଁ ତାକୁ ନେଇ ଦେଖୁଛି ! ହେଲେ କାହିଁକି ଦେଖୁଛି ? କାହିଁକି ? କ'ଣ ଦେଇଛି ମୁଁ ତାକୁ ? ଆଗକୁ ଦେବି କି ନାଇଁ ସେଇଟା ବି ମୋ ପକ୍ଷେ ଅସମ୍ଭବ ବୋଲି ନିଶ୍ଚୟ ଭାବିଥିବ ଅନୁପମା । ମୁଁ କ'ଣ କରିବି ଯେ ? ବହୁତ୍ ଥରତ ଚେଷ୍ଟା କରିଛି ଯେ ଦାରିଦ୍ର୍ୟର କଷାଘାତରୁ ମୁକ୍ତହେବା ପାଇଁ । ହେଲେ ମୁଁ କ'ଣ ପାରିଛି ? ପାରିନି । ପାରିଥିଲେ କ'ଣ ସେଦିନ ମୋ ଅନୁପମା ବଜାରରେ ଦେଖିଥିବା ସେ ନାଲିଫୁଲ ପକା ଶାଢ଼ୀଟା କିଣି ପାରିନଥାନ୍ତି । ବାସ୍ ଏହାପରେ ରତିକାନ୍ତ ନିଜକୁ କ୍ଳାନ୍ତ ଅନୁଭବ କରେ, ଥକି ପଡେ । ଜୀବନର ଏହି କରୁଣ ଚିତ୍ର ସ୍ୱପ୍ନରେ ସମୟ ଗାଡ଼ି ଗଡିଚାଲେ ଅତ୍ୟନ୍ତ ନିଶ୍ଚିହ୍ନ ଓ ସରଳ ଭାବେ ।

ଦିନେ କୌଣସି କାରଣରୁ ସକାଳ ପ୍ରହରରୁ ରତିକାନ୍ତର ଅନୁପମା ସଙ୍ଗେ ଦେଖାହୁଏ । ସକାଳୁ ଉଠି ଅନୁପମାର ମୁହଁ ଚାହିଁବ । ସେଦିନ ରତିକାନ୍ତର ଯାହାହେଉ ଭାଗ୍ୟରେ ଥିଲା । ତାର କଇଁଫୁଲିଆ ହସହସ ମୁହଁରେ ସୂର୍ଯ୍ୟଙ୍କର କଅଁଳ କିରଣ ସ୍ପର୍ଶ କରିଥିବାରୁ ଅତି ସୁନ୍ଦର ଦିଶୁଥିଲା । ସୁନ୍ଦର ଚକ୍ଷୁ ଦୁଇଟି ତା'ର ମୁହଁରେ ରୋମାଞ୍ଚ ପୂର୍ଣ୍ଣ ପ୍ରହେଳିକା ସୃଷ୍ଟି କରୁଥିଲା

। ତା'ର ସୁନେଲି ଓଠରେ ଖିଲି ଖିଲି ହସ ରତିକାନ୍ତକୁ ଅଧିକ ଆକର୍ଷିତ କରିଥିଲା । ରତିକାନ୍ତ ହଠାତ୍ ଆଶ୍ଚର୍ଯ୍ୟ ହୋଇଉଠିଲା । ଯେ ସେ କଣ ସେହି ସପ୍ନର ନାୟିକା । ଯିଏ ରାତିପରେ ରାତି ରତିକାନ୍ତକୁ ଉଜାଗର କରିରଖୁଥିଲା । ବାସ୍ତବରେ ଇଏ କ'ଣ ହେଉଛି ? ଇଏ କି ଭାବନା ଆଜି ମନକୁ ଆସୁଛି କାହିଁକି ? ଅନୁପମାକୁ ଆଗରୁ ବାରମ୍ବାର ଦେଖି ମଧ ଏପରି ଭାବନା କେବେ ଆସିନଥିଲା । ଆଜି କ'ଣ ହେଇଛି ? ସେ ଆଜି ବହୁତ ସୁନ୍ଦର ଦିଶୁଛି । ଠିକ୍ ପୂର୍ଣ୍ଣିମାର ଚନ୍ଦ୍ର ପରି । ତା'ର ସରଳ ନିର୍ମଳ ମୁହଁଟା ରତିକାନ୍ତର ମନକୁ ଆନ୍ଦୋଳିତ କରୁଛି ।


ସେ ହସ ହସ ମୁହଁରେ ରତିକାନ୍ତକୁ କେତେ କଥା କହିଯାଏ । କିନ୍ତୁ ବିଚରା ରତିକାନ୍ତର ସବୁକଥା ହଁ ନାଁରେ ରହିଯାଏ । ଅନୁପମାର ଗୋଟିଏ କଥାରେ ରତିକାନ୍ତର କୋଟିଏ ଭାବନା ସଞ୍ଚାର ହୋଇଥାଏ । ସେଦିନ କେତେ ଦରଦୀ ହୃଦୟରେ ସେ ମତେ କହୁନଥିଲା, ଜାଣିଛ ଆଜି ବଜାରରେ ସବୁ ଦରଦାମ୍ ବଢ଼ିଯାଇଛି । କାଲି ଯାହା ପା ଟଙ୍କା ଥିଲା ଆଜି ସେ ସାତଟଙ୍କାରେ ବିକ୍ରି ହେଉଛି । କିନ୍ତୁ ତମର ଅଧବ୍ୟବସାୟରୁ ତ ଆମର କିଛି ଅଧିକ ଲାଭ ହେଉନାହିଁ । ରଜ ଆଉ ଦିଇଦିନ ରହିଲା । ଭାରି ଇଛା ନାଲିଫୁଲପକା ଶାଢ଼ୀ ଖଣ୍ଡେ କିଣି ରଜ ପାଳିବି । ଦୋକାନକୁ ଯାଇଥିଲି ମିତା ସହିତ କଣିବା ପାଇଁ ମିତା ତା ପାଇଁ ସେଇ ମନଲାଖି ଶାଢ଼ୀ ଖଣ୍ଡେ କିଣିଲା । କିନ୍ତୁ ମୁଁ, ମୁଁ ଶାଢ଼ୀ ପସନ୍ଦ କରି ମଧ ଆଣିପାରିଲି ନାହିଁ । କାଲିଆସି ନେଇଯିବି କହି ଚାଲି ଆସିଲି । ଏ ଅଭାବ ଜୀବନରେ ମଣିଷ ଆଉ କେତେଦିନ ଏ ମନକୁ ଚାପି ରଖିପାରିବ । ଜୀବନଟା ମତେ ନିଶ୍ୱ ଲାଗୁଛି । ସରିଗଲା ପରି ଲାଗୁଛି । ଉପଭୋଗ ଓ ଉପାସନାର କୌଣସି ସ୍ଥାନ ନାହିଁ । କାଲି ସକାଳେ ଆମେ ଦୁଇହାତ ହେଲେ ଯେଉଁ ନୂଆ ଅତିଥିଟା ଆସିବ ତା' ଭାଗ୍ୟରେ କ'ଣ ଥିବ ଜଣା ନାହିଁ । ଆମେ ତ ନିଜେ ଚଳିବା କଷ୍ଟକର ହେଇ ପଡୁଛି । ତାକୁ ଆମେ କ'ଣ ଦେବା । ବାସ ତା'ପରେ କହି କହି ଅନୁପମା କାନ୍ଦି ପକାଏ । ଅତି ଭାବବିହ୍ୱଳ ହୋଇ ରତିକାନ୍ତ ଜୋରକିନା ଭିଡି ଆଣିଛି ଅନୁପମାକୁ ତା ଛାତି ପାଖକୁ, ଏବଂ ଚୁମ୍ବନର ସରଲ ରେଖାଟିଏ ଆଙ୍କି ଦେଇଛି ସେ ତା କପାଳରେ । ସେହି ମୂହୁର୍ତ୍ତରେ ରତିକାନ୍ତ ଅନୁଭବ କରିପାରିଛି ସବୁଜ ଯୌବନର ପହିଲି ବସନ୍ତରେ ଗଢ଼ି ଉଠିଥିବା କଳ୍ପନାର ତାଜମହଲ ପରି ତା' ଜୀବନରେ ଏକ ବଡ଼ଧରଣର ପରିବର୍ତ୍ତନ ହେଲାପରି ଲାଗେ । ତା'ମନରେ ଅନେକ ଆଶା ଆଉ ସପ୍ନ ଆସେ ଅନୁପମାକୁ ନେଇ । ବୁଝେଇବାକୁ ଚେଷ୍ଟା କରିଛି ସେ ଅନୁପମାକୁ । ତା ଆଖିଲୁହରେ ହଜିଯାଇଛି ରତିକାନ୍ତର ହୃଦୟ । ଯାହା ସେ କାହାକୁ ଦେଖାଇ ପାରୁନି ନାଁ ସେ କାହାକୁ କହି ପାରୁଛି । ଠିକ୍ ଏହି ସମୟରେ ରତିକାନ୍ତର ନିଦଭାଙ୍ଗି ଯାଏ । ଅନୁ ଅନୁ କରି ଚିତ୍କାର କରେ, ବ୍ୟସ୍ତ ହୁଅନି, ବ୍ୟସ୍ତ ହୁଅନି କହି ଭୋ ଭୋ ହୋଇ ଛୋଟ ପିଲାଙ୍କ ପରି କାନ୍ଦି ଉଠିଛି । ହେଲେ କାହିଁ ? ସିଏ ତ ତା ସପ୍ନର ନାୟିକା ନୁହେଁ । ସେ ତାକୁ ନେଇ ଏତେ ବ୍ୟସ୍ତ କାହିଁକି ? ସିଏ କାହିଁକି ବାରମ୍ବାର, ତା'ର ସପ୍ନ ନାୟିକାର ସ୍ଥାନ ନେଉଛି । ଥରେ ସେ ଯଦି କୌଣସି କାରଣରୁ ଅନୁପମାର ଦେଖା ପାଇଯାଏ ତା ଖୁସିର ସୀମା ରହେ ନାହିଁ । ବେଳେ ବେଳେ ତା'ଜୀବନର ସବୁକଥା ସେ ନିଦ୍ୱନ୍ଦ୍ୱରେ ଅନୁପମା ପାଖରେ ଅଜାଡ଼ି ଦିଏ । ଯେପରି ସେ ସଂସାରର ସବୁଠାରୁ ଅତି ନିଜର ଅତି ଆପଣାର, କିନ୍ତୁ ସେ ସବୁ କେବଳ ସପ୍ନ । ଜୀବନର ବାସ୍ତବତା ଯେତିକି ନିଷ୍ଠୁର ସେତିକି କଠୋର ମଧ । ଅଭାବ ମଣିଷ ଜୀବନକୁ

ଥରେ ଆସେ କିନ୍ତୁ ରହିଯାଏ ମରିବା ପର୍ଯ୍ୟନ୍ତ । ଯାହା ରତିକାନ୍ତ ଭାଗ୍ୟରେ ଥିଲା । ପିଲାଟି ଦିନରୁ ତା'ର ଦୁଃଖରେ ସଂସାର ଗଢ଼ା । ତେଣୁ ସେ ଅନୁପମାକୁ ସପ୍ନ ଦେଖିଛି ତା' ବିଶ୍ୱାସକୁ ସିଏ ସମ୍ମାନ ଦେଇଛି । ତେଣୁ ତାକୁ ନେଇ ସୁଖର ନିଜ ରଚନା କରିବା କଥା କେବେ ତା ଆଗରେ ପ୍ରକାଶ କରିପାରିନି । କିନ୍ତୁ ଆଜି ଅନୁ ତ ତା' ଘର ତା' ପରିବାରକୁ ନେଇ ବେଶ୍ ହସଖୁସିରେ ରହୁଛି । ଆଉ ସେମିତିକି ଅନୁବି ତ ପ୍ରକାଶ କରିନି କି ମୁଁ ତା ହୃଦୟର ନାୟକ ବୋଲି । ତା ହେଲେ ମୁଁ କାହିଁକି ? ଏହିସବୁ କଥା ଭାବିଲା ବେଳକୁ ରତିକାନ୍ତ ପାଇଁ ସବୁକିଛି ଅସହ୍ୟ ହୋଇପଡେ । ତା' ପାଖରେ ତା ଜୀବନର ଅତି ମୂଲ୍ୟବାନ ସପ୍ନ ଅନୁପମା ଥିଲେ ମଧ ସେ କିଛି କହିପାରେ ନାହିଁ ।

ଯୌବନ ଅବସ୍ଥାରେ ଯୁବକ ମନରେ ଅନେକ ସୁନେଲି ସପ୍ନ ଆସିଥାଏ । ଦିନଯାକର କାମଧନ୍ଦା ସାରି ରାତ୍ରିର ନିଛାଟିଆ ମୁହୂର୍ତ୍ତରେ ତା'ର ମନ ଦର୍ପଣରେ ଉଙ୍କିମାରେ ଏକ ଅଜଣା ସୁନ୍ଦରୀ ଯୁବତୀ । ଯେତେବେଳେ ସେହି ସପ୍ନର ନାୟିକାର ସରଳ ନିଷ୍କପଟ ଚାହାଣି ରତିକାନ୍ତ ମନକୁ ଆନ୍ଦୋଳିତ କରିଥାଏ । ସେ ତାକୁ ମନେ ମନେ ଭଲ ପାଇବାର ଅବୁଝା ନିଶାରେ ବିଭୋର ହୋଇଯାଏ । ସେ କିଏ ଏବଂ କାହିଁକି ତାପାଇଁ ମନରେ ଏତେ ତତ୍ପରତା ? କ'ଣ ପାଇଁ ସେ ବାରମ୍ବାର ଆସି ରତିକାନ୍ତ ମନକୁ ବିଚଳିତ କରୁଛି । କାହିଁକି ଏ ଅଲୋଡ଼ା ଅଜଣା ଜୀବନରେ ଟିକେ ଆଶାର କିରଣ ବିଞ୍ଚିଦେଇ ଚାଲିଯାଉଛି । ଏ ପ୍ରଶ୍ନ ରତିକାନ୍ତମନକୁ ବାରମ୍ବାର ଆନ୍ଦୋଳନ କରୁଥାଏ ।

ଅନୁ ଠିକ୍ କହିଥିଲା ଦାରିଦ୍ର୍ୟର ସୀମାରେଖା ଭିତରେ ଉପଭୋଗ ଓ ଉପାସନାର ସତରେ କୌଣସି ସ୍ଥାନ ନଥାଏ । ଯାହାକି ରତିକାନ୍ତ ଖୁବ୍ ଭଲଭାବରେ ଅନୁଭବ କରିଛି । ଏହିପରି ଭାବରେ ସମୟର ସ୍ରୋତରେ ରତିକାନ୍ତର ଜୀବନ ରୂପକ ଡଙ୍ଗା ବହିଚାଲିଛି ଆଗକୁ ଆଗକୁ । ଇଏ ତ ରତିକାନ୍ତର ଜୀବନ ନୁହେଁ । ଜୀବନ ନାଁରେ ସିଏ ବଞ୍ଚିଛି ଏକ ଅସହ୍ୟ ଅଲୋଡା ଜୀବନ କୁ ପ୍ରତୀକ୍ଷା କରିଛି ତା'ର ସପ୍ନ ବାସ୍ତବତାର ରୂପନେବାର ଦିନକୁ ।

ନିଳାଦ୍ରୀ ବିହାର, କଟକ



# କଳଙ୍କ

- ପ୍ରାଚୀ ପ୍ରଯୁକ୍ତା

ସମୟ ଆସି ସାଢ଼େ ନଅଟା ହେଲଣି । ଖରା ଦିନିଆ ଖରାରେ ଗୁଳୁଗୁଳି ଆରମ୍ଭ ହୋଇଗଲାଣି । ଦେହରୁ  ଗମଗମ ହେଇ ଝାଳ ବାହାରୁଛି । କାଶିନାଥ ଧଇଁସଇଁ ହୋଇ ଆସି ପହଞ୍ଚିଛି ହାଇକୋର୍ଟ ବାରକାଉନ୍‌ସିଲ୍ ଆଗରେ । ଟାଇପ୍‌ର ଟପ୍ ଟପ୍ ଶବ୍ଦରେ ଲାଇବ୍ରେରୀ ସାମ୍ନା ଯାଗାଟା ପୁରା ଗୁଞ୍ଜୁରି ଉଠୁଥିଲା । ପଛପଟେ ବରା, ଗୁଲୁଗୁଲା ବାଲା ତାର ଢଙ୍ଗରେ ଡାକୁଥିବା ଆସ ଆସ ଦଶ ଟଙ୍କାରେ ପେଟ ଫୁଲ୍ । ଆଉ ଆଗରୁ ପଛରୁ ଖାଲି ପଙ୍କା ପଙ୍କା କଳା ରଙ୍ଗର ପକ୍ଷୀ ଦଳପରି ମଣିଷଗୁଡ଼ିକ ଧାଇଁ ଆସୁଥାନ୍ତି । ଆଜି କାଶିନାଥ ସବୁ ଖୋଲି ହାକିମ ଆଗରେ କହିଦେବ । ଆଜି ସେ ନ୍ୟାୟ ପାଇବ । ସେ ସମସ୍ତଙ୍କୁ ଦେଖେଇ ଦେବ ଯେ, ସେ କିଛି ଭୁଲ୍ କରିନି । ସେ ଗୋଟେ ମଣିଷ, ଆଉ ତା'ର ଜାତି ହେଲା ମଣିଷ ଜାତି । ପୁଣି ତାକୁ କାହିଁକି ବାସନ୍ଦ । ଘରେ ବାହାରେ ସବୁଆଡେ ଛି ଛି । ପୁଅବୋହୂ ସମସ୍ତେ ତାକୁ ଅଲଗା କାହିଁକି କରିଦେଲେ । କାଶି ଘରେ ଜମିବାଡ଼ି ସବୁ ଥାଇ ମଧ୍ୟ ଆଜି ସେ ନିସ୍ୱ । ସମସ୍ତଙ୍କ ଆଗରେ  ସେ ଆଜି ନୀଚ ହୋଇଯାଇଛି ।

ଏହି କଥା ଭାବି ଭାବି ବାରକାଉନ୍‌ସିଲ୍ ଗେଟ୍ ଆଗରେ ଟିକେ ଥକା ମାରି ବସିପଡିଛି  । ହଠାତ୍ ତା ପଛରୁ କିଏ ଗୋଟେ ଜୋର୍ କରି ଡାକିଛି । ଆରେ କାଶି ତୁ କେତେବେଳେ ଆସିଲୁଣି । ବାବୁ ମୁଁ ପରା ଘଣ୍ଟେ ହେଲା ଆସି ବସିଛି । ଆପଣଙ୍କ ରାହା ଦେଖୁଛି । ବାବୁ ଆଜି କ'ଣ ମତେ ନ୍ୟାୟ ମିଳିବ ମୋ ଜମିବାଡିସବୁ ମିଳିଯିବ । ଦିଲ୍ଲୀପ୍ ବାବୁ ତାଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଇ କହିଲେ, ଆରେ ତୁ ଦେଖିବୁ ଆମେ ନିଶ୍ଚିତ ହାକିମଙ୍କ ଠାରୁ ନ୍ୟାୟ ପାଇବା । ଦିଲ୍ଲୀପ ବାବୁ ଘର କାଶିର ଗାଁ ବୌଦ୍ଧଜିଲ୍ଲା ରାଜିଂ ଗାଁରେ । ସେ ଜଣେ ଓକିଲ ହେଲେ ମଧ୍ୟ, ଜଣେ ସରଳ, ଅମାୟିକ ମଣଷ । ମାନବିକ ଅଧିକାର ପାଇଁ ଲଢ଼େଇ କରିବା ଏବଂ ସମାଜରେ ଦଳିତ ନିଷ୍ପେସିତମାନଙ୍କୁ ନ୍ୟାୟ ଦେବା ଯେମିତି ତାଙ୍କ ଜୀବନର ମୂଳ ଲକ୍ଷ୍ୟ । ଆଜି ସେ କାଶିନାଥର ହକ୍ ପାଇଁ ହାଇକୋର୍ଟ ଦ୍ୱାରସ୍ଥ ହୋଇଛନ୍ତି ।

କାଶିନାଥ ଗୋଟିଏ ଧାର୍ମିକ ଏବଂ ସରଳ ଗାଉଁଲି ଲୋକଟିଏ । ଗାଁରେ ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କର ଅତି ଆପଣାର । ଗାଁରେ ତାର ତିନି ବଖରା ଘର ଏବଂ ଦୁଇମାଣ ସମ୍ପତ୍ତି । ଚାଷରୁ ତାକୁ ଯାହାମିଳେ ଘର ଚଳିଯାଏ । ଘରେ ସ୍ୱୀ, ପୁଅ, ବୋହୂ ଆଉ ନାତିନାତୁଣୀଙ୍କୁ ନେଇ ସଂସାର । ପୁଅ ଛୋଟ ମୋଟ କାମ କରି ଭଲ ଦିପଇସା ଆଣେ । ଛୋଟ ସଂସାର ଆରାମରେ ଚଳିଯାଏ । ଦିନେ ସେ ତା କାମରୁ ଫେରିବା ବେଳେ ତା'ର ବାଲ୍ୟବନ୍ଧୁ ମକର ତାକୁ ଡାକି ତା ଘରକୁ ନେଇଥିଲା । ମକର ଦୋଳ ପୂର୍ଣ୍ଣିମା ପାଇଁ ତା ଘରେ ପିଠାପଣା କରିଥିଲା । କାଶି ଆଉ ସେ ଛୋଟବେଳେ କେତେ ଯେ ବୁଲି ନାହାଁନ୍ତି ତା'ର ହିସାବ ନାହିଁ । ଆମ୍ବ ବାଡ଼ିରୁ ଆମ୍ବ ଚୋରାଇ ଖାଇବା ଠାରୁ ଆରମ୍ଭ କରି ପୋଖରୀରେ ମାଛ ଧରିବା ପର୍ଯ୍ୟନ୍ତ ସବୁ କାମ କରିଥାନ୍ତି । ଗୋଟିଏ ଆମ୍ବରୁ ସେ ଖଣ୍ଡେ ଖାଇଲେ, ମକରା ଆଉ ଖଣ୍ଡେ ଖାଇଥାଏ । ସେ ପୁରୁଣା କଥାକୁ ସାଉଁଟି ସାଉଁଟି ଦୁଇ ସାଙ୍ଗଯାକ ହସ ଖୁସିରେ ମଜିଯାଇଥାନ୍ତି । ହଠାତ୍ ମକରାର ସ୍ୱୀ ସୁଲୋଚନା ଆସି ପଚାରିଛି ।

- ହଇ ହେ ଶୁଣିଲଣି !

- କ'ଣ ହେଲା ?

- ଖାଲି ଗପୁଥିବ ନା ଆଉ କ'ଣ କରିବ ?

- ଆଉ କ'ଣ କରିବି କହନ୍ତୁ !

- ଆମ ଘରେ ଆଜି ଭଲ ପିଠାପଣା ହେଇଛି ତମେ ଆଣି ତାଙ୍କୁ ଦେଉନ !

- ଆଲୋ ତୁଣ୍ଡି ଆମେ ପରା ନୀଚଲୋକ ଶୂଦ୍ର ଜାତିର, ସେ କ'ଣ ଆମ ଘରେ ଖାଇବ । -

ତମେ ଟିକେ ପଚାରି ବୁଝୁନ ମୁଁ ଆଣି ଦିଅନ୍ତି ।

କାଶିନାଥ ସବୁ ଶୁଣିଲାପରେ ଆଉ ମନା କରି ପାରିଲା ନାହିଁ । ଦୁଇ ସାଙ୍ଗ ବସି ଆରିସା, କାକରା, ମଣ୍ଡା, ପିଠା ଖାଇ ହାତ ଧୋଇବାକୁ ଗଲେ ।

କାଶିନାଥ ବନ୍ଧୁ ଘରୁ ଖାଇଲାପରେ ଘରକୁ ବାହୁଡ଼ିଲା । ଆସି ଦେଖେ ତ ଘର କବାଟ ଆଗରେ ପୁଅ, ବୋହୂ, ସ୍ତ୍ରୀ ସମସ୍ତେ ଆସି ଠିଆ ହୋଇଛନ୍ତି ।

ହତବାକ୍ ହୋଇ କାଶି ପଚାରିଲା ଆରେ କ'ଣ ହେଇଛି ତମେ ସମସ୍ତେ ଏଠି ଛିଡ଼ା ହେଇଛ ?

କାଶିର ସ୍ତ୍ରୀ ସୁକୁମାରୀ ପ୍ରଥମେ ପଚାରିଲା, ତମେ କୁଆଡେ ଯାଇଥିଲ ?

- ଆରେ ମକରା ଘରକୁ ।

- କାହିଁକି ?

- ସେ ଦୋଳ ପୁନେଇ ଭାର ଦେଖାଉ ଥିଲା, ସେ ତା ଝିଅ ଘରକୁ ଦେବବୋଲି ପ୍ରସ୍ତୁତ କରିଛି ।

- ଖାଲି ଦେଖୁଥିଲ ନାଁ ତା ସାଙ୍ଗରେ ବସି ଖାଉଥିଲ !

- ତମେ କେମିତି ଜାଣିଲ ?

- ତମେ କ'ଣ ଭାବୁଛ ବିରାଡ଼ି ଆଖିବୁଜି ଦୁଧ ପିଇଯାଉଛି । ବୁନାପରା ଯାଇଥିଲା ତମକୁ ଖୋଜିବା ପାଇଁ ଦେଖିଆସିଲା ତମେ ତା ଘରେ ବସି ଖାଉଥିଲ ।

- ହଁ ମୁଁ ତା ଘରେ ଖାଉଥିଲି ସତକଥା, ସେ ମୋର ବାଲ୍ୟବନ୍ଧୁ । ତା' ସାଙ୍ଗରେ ଖାଇଲେ କ'ଣ ହେଲା ? ତାର ମୋର ସାଙ୍ଗରେ କେତେଥର ଛୋଟବେଳେ ଖାଇଛୁ ।

- ତମେ ବୁଢ଼ାଟିଏ ହେଲଣି ମୁଣ୍ଡରେ ଟିକିଏ ବୁଦ୍ଧିସୁଦ୍ଧି ନାହିଁ । ସେ ହେଲା ଶୂଦ୍ର ଜାତିର, ତା' ଘରେ ଖାଇଲେ ଆମ ଜାତିଗଲା । ଆଜିଠାରୁ ତମେ ଘରେ ବାହାରେ ସବୁଆଡେ ବାଛନ୍ଦ ।

କାଶିନାଥ ବିକଳ ହେଇ ତା ପରିବାରର ସମସ୍ତ ସଦସ୍ୟଙ୍କ ମୁହଁକୁ ଗୋଟିଏ ଲକ୍ଷ୍ୟରେ ଚାହୁଁଥାଏ । ସତେ ଯେପରି ସେ ଗୋଟିଏ ବଡ଼ ପାପ କରିଛି । ତା'ର ଆପଣାର ଲୋକମାନେ ତା' ଠାରୁ ସଂପୂର୍ଣ୍ଣ ରୂପେ ଦୂରେଇ ଯାଇଛନ୍ତି ।

ଛୋଟକଥାଟା ବଡ଼ ହେଲା, ଗାଁ ରେ ପ ାୟତ ବସିଲା । କାଶିନାଥକୁ ଦଣ୍ଡ ଦିଆଗଲା ଯେ, ଗାଁରୁ ବାସନ୍ଦ । କାରଣ ସେ ଶୂଦ୍ର ଘରେ ଖାଇ ତା ଜାତି ହରେଇଛି । ସେ ତା ପରେ ଏ ଗାଁରୁ ସେ ଗାଁ ମାଗିଖାଇ ବ ୍ଲା । ଓକିଲ ଦିଲ୍ଲୀପ ବାବୁଙ୍କ ସହାୟତାରେ ହାଇକୋର୍ଟରେ ଆଶ୍ରୟ ନେଲା କିନ୍ତୁ ତା ପୁଅ ମିଛ କେସ୍‌ରେ ତାକୁ ଫସାଇ ବାପା ପାଗଳ ହୋଇଯାଇଛନ୍ତି ବୋଲି କେସ୍‌ରେ ଡିଗ୍ରୀ ପାଇଲା

ତା' ପରେ କାଶିର ଭାଗ୍ୟ ବାରଦୁଆର ଭିକ୍ଷା କରିବା । ଏମିତି ବହୁତ ଦିନ ବିତିଗଲା କାଶି ପୁଣି ଥରେ ଗାଁକୁ ଫେରିଲା । ନିଜ ଗାଁ, ନିଜ ପରିବାରକୁ ଦେଖିବା ପାଇଁ ସେ ଆସି ତା ଗାଁରେ ପହଁ ୍ଲା । ହେଲେ ତାର ଘର ଲେଉଟାଣି ନିଷ୍ଫଳ ହେଲା । ଖାଇବାତ ଦୂରରକଥା ପାଣି ବି ମିଳିଲା ନି । ତେଣୁ ଅନାହାରରେ ମୃତ୍ୟୁକୁ ଅପେକ୍ଷା କରିବା ବିନା ତାଙ୍କ ପକ୍ଷରେ ଅନ୍ୟକିଛି ପନ୍ଥା ନଥିଲା ।

ଏହି କଥା ଦିଲ୍ଲୀପ ବାବୁଙ୍କ କାନରେ ପଡି ସେ ତାକୁ ଉଦ୍ଧାର କରି ଡାକ୍ତର ଖାନାକୁ ଆଣିବା ବ୍ୟବସ୍ଥା କରିଲେ । କିନ୍ତୁ ତାଙ୍କ ଚେଷ୍ଟା ନିଷ୍ଫଳ ହେଲା । କାଶିନାଥ ବହୁଦିନର ସଂଗ୍ରାମ ପରେ ଆଖି ବୁଜିଲେ । କାଶିନାଥର ଶବକୁ ନେବାକୁ ପରିବାର ଲୋକ ରୋକ୍‌ଠୋକ୍ ମନାକରିଦେଲେ । ଦିଲ୍ଲୀପ ବାବୁ କିଛି ସ୍ୱେଚ୍ଛାସେବୀ ସଂଗଠନ ସାହାଯ୍ୟରେ ଶବ ସତ୍କାର କଲେ । ଆଜି ମାନବିକ ଅଧିକାର ପାଇଁ ଲଢୁଥିବା ମଣିଷଟି ହାରିଯାଇଛି । ଗୋଟିଏ ମଣିଷକୁ ତା'ର ଅଧିକାର ଦେବାରେ ସେ ଅସମର୍ଥ । ତାଙ୍କ ମନରେ ପ୍ରଶ୍ନଉଠେ ଆଉ କେତେ ଦିନ, ଏଇ ଜାତି ପ୍ରଥା .......

ନୀଳାଦ୍ରୀ ବିହାର, କଟକ





Printed, Published, Edited and Owned by Dr. Bibhudatta Khandayatray, Printed at Laxmi Offset Press, Nayabazar, Cuttack-4, Odisha & Published at Niladri Vihar, P.O. - Nayabazar, Cuttack - 4, Odisha, Mob. : 9437744194

RNI No. : ODIODI/2015/64435

www.pracheevoice.in

Editor : **Dr. Bibhudatta Khandayatray**

ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ

ଫେବୃଆରୀ ୨୦୧୭

ମୂଲ୍ୟ : ୨୪ ଟଙ୍କା